## ମହାଲକ୍ଷ୍ମୀ ପୀଠରେ ସୁଦଶାବ୍ରତ

ପାଣିକୋଇଲି,୨।୩(ଡି.ଏନ.ଏ.): ପାଣିକୋଇଲି ଅଳତିରିସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା'ମହାଲକ୍ଷ୍ମୀ ପୀଠରେ ଗୁରୁବାର ସମୂହ ସୁଦଶା ବ୍ରତ ପାଳନ କରାଯାଇଛି। ପ୍ରଥମ ଥର ପାଇଁ ପୀଠରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପ୍ରତ୍ୟୁଷରୁ ପୂଜା କାର୍ଯ୍ୟ ଯଥାବିଧି ଆରମ୍ଭ ହୋଇଥିଲା। ମହିଳାମାନେ ବ୍ୟାପକ ଭାବେ ଯୋଗଦେଇ ପୂଜାର୍ଚ୍ଚନା ଜାରି ରଖିଥିଲେ। ଏହି ଅବସରରେ ସମୂହ ପ୍ରସାଦସେବନ ସହ ଟଙ୍କ ତୋରାଣି ବ୍ୟବସ୍ଥା କରାଯାଇଥିଲା।

# କୃଷିମନ୍ତ୍ରୀ ଶୁଣିଲେନି ଚାଷୀଙ୍କ ଦୁଃଖ



ଜିଲସ୍ତରୀୟ କୃଷି ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

- କାର ଭିତରେ ବୁଝିବି ବୋଲି କହି ଚାଲିଗଲେ
- ସୁକିନ୍ଦାରେ ଆରମ୍ଭ ହେଲା ଜିଲାସ୍ତରୀୟ କୃଷି ସମ୍ମିଳନୀ
- କାହା ସ୍ୱାର୍ଥରେ କୃଷି ସମ୍ମିଳନୀ ବୋଲି ପ୍ରଶ୍ନ କଲେ ଚାଷୀ

**ଯାଜପୁର ଅଫିସ,୨।୩(ଡି.ଏନ.ଏ.) :**

ମଣ୍ଡି ନ ଖୋଲି ସିଧାସଳଖ ମିଲରେ ଧାନ ସଂଗ୍ରହ, ମିଲର୍ସଙ୍କ ମନମାନି, କୁଇଣ୍ଟାଲ ପିଛା ୪ରୁ ୫ କେଜି ଧାନ କାଟ୍ ଆଦି ଅବ୍ୟବସ୍ଥା ସମ୍ପର୍କରେ ଚାଷୀଙ୍କ ଦୁଃଖ ଶୁଣିଲେନି କୃଷି ମନ୍ତ୍ରୀ । ମଙ୍ଗଳପୁର ଛକଠାରେ ଚାଷୀ ଅପେକ୍ଷା କରିଥିଲେ ହେଁ ମନ୍ତ୍ରୀ ଗାଡ଼ି ଭିତରେ ରହି ବୁଝିବି ବୋଲି କହି ଚାଲି ଯାଇଥିଲେ । ଜିଲାସ୍ତରୀୟ କୃଷି ସମ୍ମିଳନୀରେ ଯୋଗଦେବାକୁ ଆସି ମନ୍ତ୍ରୀ ଚାଷୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହୋଇ ନ ପାରି ଏଭଳି ପଦକ୍ଷେପ ନେଇଥିବା ଏଠାରେ ଚର୍ଚ୍ଚା ଜୋର ଧରିଛି ।

ଜିଲାପ୍ରଶାସନ ଓ ଟାଟା ଷ୍ଟିଲର ମିଳିତ ସହଯୋଗରେ ଯାଜପୁର ଜିଲା ସୁକିନ୍ଦାଗଡ଼ ଷ୍ଟାଡିୟମ ପରିସରରେ ଗୁରୁବାର ଜିଲାସ୍ତରୀୟ କୃଷି ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟଅତିଥି, କଳିଙ୍ଗନଗର ଟାଟା ଷ୍ଟିଲ ଗ୍ରାମୀଣ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମିଶ୍ର, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଜିଲା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ କୃଷି, ଉଦ୍ୟାନ, ପଶୁସମ୍ପଦ, ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ନିର୍ମାଣ କରାଯାଇ କୃଷକମାନଙ୍କ ଚାଷ ସମ୍ବନ୍ଧିତ ଉନ୍ନତ ଜ୍ଞାନକୌଶଳ ବ୍ୟବହାର ଉପରେ କ୍ଷେତ୍ର ପ୍ରଦର୍ଶନ କରାଯାଇଛି। ଏଥିସହିତ ସରକାରଙ୍କ ପକ୍ଷରୁ ଯାନ୍ତ୍ରିକ କୃଷି ଉପକରଣ ଉପରେ ଥିବା ରିହାତିର ପରିମାଣ ସମ୍ବନ୍ଧିତ ବାର୍ତ୍ତା ପ୍ରଦର୍ଶନ କରାଯାଇଛି । ପ୍ରତିଦିନ ଆଖପାଖ ଅଞ୍ଚଳର ଶତାଧିକ ଚାଷୀମାନଙ୍କୁ ଉନ୍ନତ ଜ୍ଞାନକୌଶଳ ବ୍ୟବହାର ଉପରେ ତାଲିମ ପ୍ରଦାନର କାର୍ଯ୍ୟକ୍ରମ ରହିଛି । ଏଥିସହିତ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକମାନଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ଉଦଘାଟନୀ ଉତ୍ସବ ପରେ ୨ ମନ୍ତ୍ରୀ ସ୍ୱାଇଁ ଓ ଘଡେଇ ଦାମୋଦରପୁର ପିଜୁଳି ବଗିଚା ପରିଦର୍ଶନ କରି ଫେରିବା ରାସ୍ତାରେ ମଙ୍ଗଳପୁର ଛକ ନିକଟରେ ଚାଷୀମାନେ ସେମାନଙ୍କୁ ଅଟକାଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଧାନ ମଣ୍ଡିରେ ଅବ୍ୟବସ୍ଥା ସାଙ୍ଗକୁ ମଣ୍ଡି ବାରମ୍ବାର ବନ୍ଦ ହେବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି ବୋଲି ସେମାନେ କହିଥିଲେ । କିନ୍ତୁ ଉଭୟ ମନ୍ତ୍ରୀ ଚାଷୀଙ୍କ ଦୁଃଖ ଶୁଣିବାକୁ ଗାଡ଼ିରୁ ଓହ୍ଲାଇବାକୁ ଉଚିତ ମନେ କରି ନ ଥିଲେ । ଖାଲି ବୁଝିବା କହି ସେଠାରୁ ପଳାଇଯାଇଥିଲେ । ସେହିପରି ସୁକିନ୍ଦାରେ ମଣ୍ଡି ବନ୍ଦ ଥିବା ବେଳେ ସମବାୟ ସମ୍ପାଦକଙ୍କ କଥାରେ ଚାଷୀମାନେ ଧାନକୁ ସିଧା ମିଲରେ ନେଇ ଦେଉଛନ୍ତି । ମିଲ ମାଲିକ ସେମାନଙ୍କୁ ଓଜନ କଣ୍ଟାର ପ୍ରମାଣପତ୍ର ନ ଦେଇ ପାକ୍ସ ସମ୍ପାଦକଙ୍କୁ ଦେବୁ ବୋଲି କହୁଛନ୍ତି। ସେଠାରୁ ଚାଷୀ ସମବାୟ କେନ୍ଦ୍ରରେ ପହଞ୍ଚିବା ବେଳକୁ ସମ୍ପାଦକ ୨ ରୁ ୫ କେଜି ପର୍ଯ୍ୟନ୍ତ ଧାନ ଓଜନରେ କମ ଦର୍ଶାଇ ଦେୟ ପ୍ରଦାନ କରୁଛନ୍ତି। ଏଭଳି ଚାଷୀ ମାରଣ ନୀତି ବିରୋଧରେ କୃଷି ମନ୍ତ୍ରୀଙ୍କୁ ଅବଗତ କରାଇବା ନିମନ୍ତେ ଚାଷୀମାନେ ସୁକିନ୍ଦାରେ ଏକତ୍ରିତ ହୋଇଥିବା ବେଳେ ମନ୍ତ୍ରୀ ଗାଡି ନ ଅଟକାଇ ଫେରିଯାଇଥିଲେ । ଯାହାକୁ ନେଇ ଚାଷୀମାନେ ଅସନ୍ତୁଷ୍ଟ ହେବା ସହିତ ଚାଲିଥିବା କୃଷକ ମେଳା କାହାସ୍ୱାର୍ଥ ପାଇଁ ହେଉଛି ବୋଲି କ୍ଷୋଭର ସହ କହିଥିଲେ ।

## ସଂକ୍ଷେପରେ

### ନଦୀରେ ଗାଧୋଇବାକୁ ଯାଇ ଜଣେ ମୃତ

ଯାଜପୁର ଟାଉନ,୨।୩(ଡି.ଏନ.ଏ.): ଯାଜପୁର ବ୍ଲକ୍ ଅନ୍ତର୍ଗତ ବଡ଼ ତ୍ରିଲୋଚନପୁର ଗ୍ରାମ ବୁଢ଼ା ନଦୀର କଳିନ୍ଦ୍ରବାଦ ବାଲିଘାଟଠାକୁ ଗାଧୋଇବାକୁ ଯାଇଥିବାବେଳେ ନଦୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ବନମାଳି ଜେନା (୫୫)। ନଦୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ସେ ଭାସିଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ତାଙ୍କ ପତ୍ତା ନ ମିଳିବାରୁ ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ତେବେ ଦୀର୍ଘଦିନ ଧରି ଏହି ନଦୀ ପଠାରୁ ମେଶିନ୍ ସାହାଯ୍ୟରେ ବାଲି ଉଠା ଯାଉଥିବାରୁ ନଦୀଶଯ୍ୟାରେ ଗଭୀର ଗାଡ଼ ସୃଷ୍ଟି ହୋଇ ବିପଦ ସୃଷ୍ଟି କରିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ଜମିଜମା ବିବାଦରୁ ଶାଶୁଙ୍କୁ ବୋହୂ, ନାତିଙ୍କ ଆକ୍ରମଣ

ବିଞ୍ଝାରପୁର,୨।୩(ଡି.ଏନ.ଏ.): ଜମିଜମା ବିବାଦକୁ କେନ୍ଦ୍ରକରି ବିଞ୍ଝାରପୁର ଥାନା କଲ୍ୟାଣପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଦିବାକର ପରିଡ଼ାଙ୍କ ସ୍ତ୍ରୀ ହେମଲତା ପରିଡ଼ାଙ୍କୁ ତାଙ୍କ ବୋହୂ ବିଜୁଳୀ ପରିଡ଼ା ଓ ନାତି ଅନିଲ କୁମାର ପରିଡ଼ା ଆକ୍ରମଣ କରିଛନ୍ତି। ଆହତ ହେମଲତା ଥାନାର ଦ୍ୱାରସ୍ଥ ହେବାସହ ନ୍ୟାୟ ଭିକ୍ଷା କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବାସହ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଥାନାରେ ନଂ.୬୯/୨୩ରେ ଏକ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ସୁଶୀଲ ପୂର୍ତ୍ତି ଘଟଣାର ତଦନ୍ତ ଚଳାଇଛନ୍ତି।

### ଖରସ୍ରୋତା ମହାବିଦ୍ୟାଳୟରେ ୩୪୬ ପରୀକ୍ଷାର୍ଥୀ

ସିଂହପୁର,୨।୩(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର କଳା ଓ ବାଣିଜ୍ୟ ପରୀକ୍ଷା ହୋଇଛି। ମହାବିଦ୍ୟାଳୟର ମୋଟ୍ ୩୪୬ ଜଣ ଛାତ୍ରୀଛାତ୍ର କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଦେଉଛନ୍ତି। ମହାବିଦ୍ୟାଳୟ ପକ୍ଷରୁ ପିଲାଙ୍କୁ ଯାଞ୍ଚ କରାଯିବା ପରେ ପରୀକ୍ଷା ହଲ୍‌କୁ ଯିବାକୁ ଅନୁମତି ଦିଆଯାଉଛି। ଏହି ମହାବିଦ୍ୟାଳୟ ଅଧୀନରେ ୬ଟି ହବ୍ ସେଣ୍ଟର କରାଯାଇଛି। ସେହିପରି ଗାନ୍ଧୀ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦେବରାୟ ସମର ସିଂ, ଲଛମନ ବାଲାଜୀଉ, ଜାନକୀ ମଧୁସୂଦନ, ବିରିପଟା ମାଧ୍ୟମିକ ବିଦ୍ୟାଳୟ ଓ ଖରସ୍ରୋତା ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨୫୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ଖରସ୍ରୋତା ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ରସୁଲପୁର,୨।୩(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁଃଶାସନ ନାୟକଙ୍କ ୭୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଯାଜପୁର ଜିଲାର ଶିକ୍ଷକ ସଂଗଠନ, ଶିକ୍ଷକନେତା, ସହଯୋଗୀ, ସାଥୀ କର୍ମଚାରୀ, ଶୁଭେଚ୍ଛୁମାନଙ୍କ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ନାୟକ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ମିଷ୍ଟଭାଷୀ, ଶିକ୍ଷାନୁଷ୍ଠାନପ୍ରେମୀ, ଛାତ୍ରବତ୍ସଳ, ସାମାଜିକ କର୍ମୀ ଭାବରେ ଜଣାଶୁଣା ଥିଲେ। ତାଙ୍କ ଚାକିରି ଜୀବନ ଓଡ଼ିଶୋ ମଧ ଇଂରାଜୀ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବରେ ଆରମ୍ଭ କରିଥିଲେ। ହାଟ ସିଂହାପୁର ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଶାରିରୀକ ଅସୁସ୍ଥତା ଯୋଗୁ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ନାୟକଙ୍କ ମରଶରୀରକୁ ୧୬ନମ୍ବର ଜାତୀୟ ରାଜପଥ ବାରବାଟୀଠାରୁ ଶୋଭାଯାତ୍ରାରେ ଓଡ଼ିଶୋ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୁଦୂର ଆମେରିକାରେ ରହୁଥିବା ତାଙ୍କର ଏକମାତ୍ର ପୁଅ ପଙ୍କଜ କୁମାର ନାୟକ ପହଞ୍ଚି ମୁଖାଗ୍ନି ଦେଇଥିଲେ।

# ଟାଟା ଷ୍ଟିଲ୍ ୱାର୍କର୍ସ ୟୁନିୟନ ବିଜୟୀ

**ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ମଚାରୀ ସଂଘ ନିର୍ବାଚନ**

**କଳିଙ୍ଗନଗର,୨।୩(ଡି.ଏନ.ଏ.):**

ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ମଚାରୀ ସଂଘ ନିର୍ବାଚନରେ 'ଟାଟା ଷ୍ଟିଲ୍ ୱାର୍କର୍ସ ୟୁନିୟନ' (ଟିଡବ୍ଲ୍ୟୁ) ବିଜୟୀ ହୋଇଛି। ଫଳରେ ସଂଘର ରବୀନ୍ଦ୍ର ଜାମୁଡ଼ା ସଭାପତି ଭାବେ ୧୬୪୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୩୫୩୮ ଖଣ୍ଡ ମୋଟ୍ ଭୋଟରୁ ୩୧୩୪ ଜଣ ଭୋଟ୍ ଦେଇଥିଲେ। ସେଥିମଧ୍ୟରୁ ୬ ଖଣ୍ଡ ଭୋଟ ନାକଚ ହୋଇଯାଇଥିଲା। ତନ୍ମଧ୍ୟରୁ 'ୱାର୍କର୍ସ ୟୁନିୟନ'କୁ ୨୩୮୮ ଖଣ୍ଡ ମିଳିଥିବାବେଳେ 'ଏମ୍ପ୍ଲଇଜ ୟୁନିୟନ'କୁ ମିଳିଛି ମାତ୍ର ୭୪୦ ଖଣ୍ଡ ଭୋଟ। ଫଳତଃ ଭୂମିପୁତ୍ରମାନଙ୍କ ପାଇଁ ଲଢ଼ଇେ ଡାକରା ଦେଇଥିବା 'ୱାର୍କର୍ସ ୟୁନିୟନକୁ ବଡ଼ ସଫଳତା ମିଳିଥିବା କୁହାଯାଉଛି। ପ୍ରଥମରୁ ଜଣାପଡ଼ିଥିଲାଯେ, ଟାଟା ଷ୍ଟିଲ୍ ମ୍ୟାନେଜେମେଣ୍ଟ ଯେଉଁ ୟୁନିୟନକୁ ଭିତିରି ସମର୍ଥନ ଦେବ ତାହାର ବିପକ୍ଷରେ ଭୋଟ ଆସିବ। କାରଣ 'ଟାଟା' କର୍ତ୍ତୃପକ୍ଷ ଭୋଟ କରାଇ ଦେଉନାହାନ୍ତି ବୋଲି କର୍ମଚାରୀ ମହଲରେ ବିଶ୍ୱାସ ଭରି ରହିଥିଲା। ଜିଲାର ହେଭିୱେଟ ନେତା ତଥା ମନ୍ତ୍ରୀ ଇଂ. ପ୍ରୀତିରଂଜନ ଘଡ଼ାଇ 'ଏମ୍ପ୍ଲଇଜ ୟୁନିୟନ'କୁ ସମର୍ଥନ ଦେଉଥିଲେ ହେଁ ତାହାର କିଛି ପ୍ରଭାବ ପଡ଼ି ନ ଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ସର୍ବବୃହତ 'ଟାଟା ଷ୍ଟିଲ' କାରଖାନାରେ ଆଇଟିଆଇ ଓ ଡିପ୍ଲୋମାଧାରୀଙ୍କୁ ନେଇ ଗଠିତ କର୍ମଚାରୀ ସଂଘ ପାଇଁ ଏହା ଏକ ଚ୍ୟାଲେଞ୍ଜ ହୋଇଛି। ପୁନଶ୍ଚ, ଯାଜପୁରରୋଡ ଶ୍ରମ ଦପ୍ତରରେ ବହୁଶ୍ରମିକ ସଂଗଠନର ପଞ୍ଜୀକରଣ ପାଇଁ ଫାଇଲ ଗଦା ହୋଇଥିବା ବେଳେ ସେଗୁଡିକୁ ଅଣଦେଖା କରି ଅତ୍ୟନ୍ତ ତରବରିଆ ଭାବେ 'ଏମ୍ପ୍ଲଇଜ ୟୁନିୟନ'କୁ ପଞ୍ଜୀକରଣ କରାଇବାକୁ ନେଇ କିଛି 'ୱାର୍କର୍ସ ୟୁନିୟନ'ର ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି। ଅଭିଯୋଗ ଉଠିଛି ଯେ, ନେତାଙ୍କ ବାହୁ ତଳେ ରହି ଯାଜପୁରରୋଡର ଫେରୋକ୍ରୋମ କାରଖାନାରେ ରୀତିମତ 'ଏମ୍ପ୍ଲଇଜ ୟୁନିୟନ'କୁ ଜିତାଇବା ପାଇଁ ଚାଲିଥିଲା ଗୁପ୍ତ ମନ୍ତ୍ରଣା। ସରକାରୀ କାରଖାନାକୁ ଏକ ବେସରକାରୀ କାରଖାନାର କର୍ମଚାରୀ ସଂଘର ଭୋଟ ପାଇଁ ମୋହରା ବନାଯିବାକୁ ନେଇ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଯାଜପୁର ରୋଡ୍ ଶ୍ରମ ବିଭାଗ ଅଧିକାରୀମାନେ ନିର୍ବାଚନ ପରିଚାଳନା କରିଥିଲେ।



ବିଜୟୀ ସଂଘର ସଭାପତି ଓ ଅନ୍ୟମାନେ ।

## ବିଜୁ ଜୟନ୍ତୀ ପାଇଁ ବଡ଼ଚଣା ବିଜେଡିର ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,୨।୩(ଡି.ଏନ୍.ଏ.):

ବଡ଼ଚଣା ବିଜୁ ଜନତା ଦଳ(ବିଜେଡି) ତରଫରୁ ଗୁରୁବାର ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ବିଜୁ ବାବୁଙ୍କ ଜୟନ୍ତୀ ସମାରୋହ ପାଳନକୁ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବଡ଼ଚଣାର ୫ଟି ଜୋନ୍‌ରେ ମାର୍ଚ୍ଚ ୫ରୁ ୮ତାରିଖ ମଧ୍ୟରେ ସାଇକେଲ ଶୋଭାଯାତ୍ରା କରାଯିବ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଯୁବବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ଜିଲା ଉପସଭାପତି ସାରଦା ପ୍ରଶନ୍ନ ମହାନ୍ତି, ଅମର ମହାନ୍ତି, ନିରଞ୍ଜନ ସେନାପତିଙ୍କ ସମେତ ବ୍ଲକ୍ ଅଧୀନ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ କର୍ମକର୍ତ୍ତା ଯୋଗଦେଇ କିଭଳି ଭାବେ ସଫଳ କାର୍ଯ୍ୟକ୍ରମ କରାଯିବ ସେଥିନେଇ ଆଲୋଚନା କରିଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନସୂୟା



@ ଦିଲ୍ଲୀପ



@ ଦୀପକ



@ ବାଦଲ



@ ରାକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲିସାହି ମେଳଣ ପ୍ରସ୍ତୁତି ବୈଠକ

**ଜେନାପୁର,୨।୩(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ଅଧୀନ ମା' ବାଘୁଆ ବ୍ରାହ୍ମଣୀ ଦେବୀଙ୍କ ପୀଠରେ ବାଲିସାହି ମେଳଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବଟକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୪ ତାରିଖରେ ରାଧାକୃଷ୍ଣ ଜୀଉଙ୍କ ୫୧ତମ ବର୍ଷିକ ମେଳଣ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। କମିଟିପକ୍ଷରୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବାହିନୀ ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ବ୍ୟବସ୍ଥା କରାଯାଇଛି। ବୈଠକରେ କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ପାଣ୍ଡବ ଚରଣ ବେହେରା, ରଘୁନାଥ ପ୍ରଧାନ, ବାଇଧର ସାହୁ, କୈଳାସ ଚନ୍ଦ୍ର ରାଉତ, ଦୁଷ୍ମନ୍ତ ବଳ, ବଂଶୀଧର ମହାରଣା, ସୁଶାନ୍ତ ପ୍ରଧାନ, ପ୍ରତାପ ସାହୁ ଓ ରବୀନ୍ଦ୍ର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାଜଦୋଳ ମିଳନ ମେଳାପଡ଼ିଆରେ ଜମୁଛି ଭିଡ଼

**ଆକର୍ଷିତ କରୁଛି ହସ୍ତଶିଳ୍ପ ପ୍ରଦର୍ଶନୀ**

**ଛତିଆ,୨।୩(ଡି.ଏନ୍.ଏ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆରେ ଗତ ମାସ ୨୮ ତାରିଖରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ରାଜଦୋଳ ମିଳନର ଗୁରୁବାର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିଲା। ଏଥିରେ ଯାଜପୁର ସମେତ ପୁରୀ, ଖୋର୍ଦ୍ଧା, କୋରାପୁଟ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, କଟକ ଓ କେନ୍ଦୁଝର ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ହସ୍ତଶିଳ୍ପ କାରିଗର ୮୦ଟି ଷ୍ଟଲରେ ନିଜର ହାତ ତିଆରି ସାମଗ୍ରୀ ପ୍ରଦର୍ଶନ କରିଛନ୍ତି। ଏହା ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏଥିସହ ସେଠାରେ ଆୟୋଜିତ ପୁସ୍ତକ ମେଳାରେ ମଧ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ଘୋଡ଼ାନାଚ, ଯାହାକି ହଜି ଯାଉଥିବା ଲୋକକଳାକୁ ଉଜ୍ଜୀବିତ କରିରଖିଛି। ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଦର୍ଶନୀରେ କମଳଲୋଚନ ସାହୁ, ଶେଷଦେବ ରାଉତ ସହଯୋଗ କରୁଛନ୍ତି। ମୁଖ୍ୟ ଆୟୋଜକ ମିହିର ପ୍ରତାପ ଦାସ, ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ଅନ୍ତର୍ଜାତୀୟ ପ୍ରସ୍ତରଶିଳ୍ପୀ ମହେଶ୍ୱର ଓଝା, ରାଜଦୋଳ ମିଳନ କମିଟି ସଭାପତି ଶରତ ପାଣିଗ୍ରାହୀ, ସମ୍ପାଦକ ସଞ୍ଜୟ ବେହେରା, ଅମ୍ବିକା ପ୍ରସାଦ ମହାନ୍ତି ଓ କପିଳ ରାଉତଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ସଂଯୋଗ ମିଳିନି, ଆସିଲା ବିଲ୍

- ୨ ପାଣି ପଞ୍ଚାୟତ ନାଁରେ ମିଥ୍ୟା ବିଲ୍‌କୁ ନେଇ ଚାଷୀଙ୍କ ଅସନ୍ତୋଷ
- ଆନ୍ଦୋଳନ କରିବ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ

**ରସୁଲପୁର,୨।୩(ଡି.ଏନ.ଏ.):**

ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ କୃଷ୍ଣପଡ଼ା ଗ୍ରାମର ମା' କିଆଶୁଣୀ ପାଣି ପଞ୍ଚାୟତ ଏବଂ ଓଡ଼ିଶୋ ପଞ୍ଚାୟତ ମେଳକ ଗ୍ରାମର ମା'ମଙ୍ଗଳା ପାଣି ପଞ୍ଚାୟତ ନାଁରେ ଟାଟା ପାୱାର ପକ୍ଷରୁ ମିଥ୍ୟା ବିଦ୍ୟୁତ୍ ବିଲ୍ ଇସ୍ୟୁ କରାଯାଇଛି। ଏହାକୁ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ବିରୋଧ କରାଯାଇଛି। ମିଥ୍ୟା ବିଲ୍‌କୁ ସପ୍ତାହକ ମଧ୍ୟରେ ପ୍ରତ୍ୟାହାର କରି ନିଆଯିବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ଚେତାବନୀ ଦିଆଯାଇଛି। ମଞ୍ଚ ସଭାପତି ନାରାୟଣ ଜେନାଙ୍କ ପକ୍ଷରୁ ଆହୂତ ସମ୍ମିଳନୀରେ ବରିଷ୍ଠ ପରାମର୍ଶଦାତା ସଦସ୍ୟ ମନମୋହନ ନନ୍ଦୀ, ବାଲିପାଟଣା ବିଦ୍ୟୁତ୍ ଉପଭୋକ୍ତା କମିଟି ସମ୍ପାଦକ ବାବୁଲି ସାହୁ, ମା' କିଆଶୁଣି ପାଣି ପଞ୍ଚାୟତ ସମ୍ପାଦକ ଗୋବର୍ଦ୍ଧନ କବି, ମା' ମଙ୍ଗଳା ପାଣି ପଞ୍ଚାୟତ କମିଟି ସଭାପତି ଭାଗୀରଥୀ ଦାସ ପ୍ରମୁଖ ଉପସ୍ଥିତ ରହି ଟାଟା ପାୱାର ମନମୁଖୀ ଓ ଗ୍ରାହକ ଶୋଷଣ ନୀତି ବିରୋଧରେ କଟୁ ମନ୍ତବ୍ୟ ଦେଇଥିଲେ।

ମଞ୍ଚ ଓ ସମିତି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ, ୨୦୧୫ରୁ ଉଠା ଜଳସେଚନ ପକ୍ଷରୁ ଚାଷ ଜମିକୁ ଜଳସେଚନ ପାଇଁ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ପାଇଁ ତତ୍କାଳୀନ ବିଦ୍ୟୁତ୍ ବିତରଣ ସଂସ୍ଥା ନେସ୍କୋ ପକ୍ଷରୁ ଟ୍ରାନ୍ସଫର୍ମର ବସାଯାଇଥିଲା। ମାତ୍ର ଉକ୍ତ ଟ୍ରାନ୍ସଫର୍ମରକୁ ଚାର୍ଜ କରାଯାଇ ନାହିଁ କି ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇ ନାହିଁ। ଜଳସେଚନ ପ୍ରକଳ୍ପ ମଧ କାର୍ଯ୍ୟକ୍ଷମ ହୋଇନାହିଁ। ଏହାସତ୍ତ୍ୱେ ୨୦୧୭ରେ ନେସ୍କୋ ପକ୍ଷରୁ ପାଣି ପଞ୍ଚାୟତକୁ ବିଦ୍ୟୁତ୍ ବିଲ ପୈଠ କରିବାକୁ କୁହାଯାଇଥିଲା। ପରେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଇସ୍ୟୁ ହୋଇଥିବା ବିଲ୍‌କୁ ଖାରଜ କରିଦିଆଯାଇଥିଲା। ୨୦୨୨ରେ ଟାଟା ପାୱାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ହାତକୁ ନେବାପରେ ସମାନ ତ୍ରୁଟିକୁ ଦୋହରାଇଛି। କ୍ଷେତ୍ର ସର୍ଭେକ୍ଷଣ କରା ନ ଯାଇ କମ୍ପାନୀ ପକ୍ଷରୁ ପୁନର୍ବାର ଚାଷୀଙ୍କ ନାମରେ ମିଥ୍ୟା ବିଲ୍ ଆସିଛି। ଉକ୍ତ ବିଲ୍‌କୁ ନେଇ ଚାଷୀ, ସମିତି କାର୍ଯ୍ୟକର୍ତ୍ତା, ପାଣିପଞ୍ଚାୟତ ସଦସ୍ୟଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ଖୁଣ୍ଟ ପଡ଼ିଛି। ଉପଭୋକ୍ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ହେଲେ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ଦର୍ଶାଯାଇଛି। ଉକ୍ତ ନଥିପତ୍ର ସୂଚନା ମୁତାବକ କମ୍ପାନୀ ପକ୍ଷରୁ ଉପଭୋକ୍ତାଙ୍କ ନାମରେ ମିଥ୍ୟା ବିଲ୍ ପ୍ରଦାନ କରାଯାଉଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ କୁଆଖିଆ ସବ୍‌ଡିଭିଜନର ଏସଡିଓ ସୀତାଂଶୁ ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ଏଭଳି ତ୍ରୁଟିବିଚ୍ୟୁତ ସମ୍ପର୍କରେ ଅବଗତ ନାହାନ୍ତି। ପାଣି ପଞ୍ଚାୟତ ପକ୍ଷରୁ ତାଙ୍କୁ ଅବଗତ କରାଯାଇ ଥିଲେ ସେ ଏଭଳି ବିଲକୁ ବାତିଲ କରି ଦେଇଥାନ୍ତେ। ତଥାପି ଯେଉଁ ଅଭିଯୋଗ ହେଉଛି ତା'ର ବାସ୍ତବତାକୁ ନେଇ କ୍ଷେତ୍ର ସର୍ଭେକ୍ଷଣ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।





ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

### ନାରାୟଣ ସାହୁ ଜିଲା ଓଷ୍ଟା ସଂଘ ସଭାପତି

ବାଲିକୁଦା, (ସ୍ୱ.ପ୍ର.): ବାଲିକୁଦା ବ୍ଲକ ତିତିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ସାହୁ ଶିକ୍ଷକ ସଂଘ ଓଷ୍ଟା ଜଗତ୍‌ସିଂହପୁର ଜିଲା ଶାଖା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିକଟରେ ଅଳସୁଧା ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ ହୋଇଥିବା ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ ଓଷ୍ଟାର ଦଶମ ବାର୍ଷିକ ସାମ୍ବିଧାନିକ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ତାଙ୍କୁ ମନୋନୀତ କରାଯାଇଥିଲା। ପୂର୍ବରୁ ସାହୁ ଏହି ସଙ୍ଗଠନର ବିଭିନ୍ନ ପଦପଦବୀରେ ଥିଲେ। ସାହୁ ଜିଲା ସଭାପତି ଭାବେ ମନୋନୀତ ହେବା ପରେ ସଙ୍ଗଠନର ସ୍ମୃତିରଞ୍ଜନ ପରିଜା, ଶରତ ଚନ୍ଦ୍ର ବାରିକ, ନାରାୟଣ ବାରିକ, ଅମର କୁମାର ଜେନା, ଆଶାନ୍ତ କୁମାର ବେହେରା, ନିରଞ୍ଜନ ପଣ୍ଡା, ବସନ୍ତ ଦାସ, ରଞ୍ଜନ ଦାସ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଆଗାମୀ ଦିନରେ ଶିକ୍ଷକମାନଙ୍କ କଲ୍ୟାଣ ଲାଗି କାମ କରିବେ ବୋଲି ସାହୁ କହିଛନ୍ତି।

## ସଂକ୍ଷେପରେ

### ମିଶନ ଅନ୍ତ୍ୟୋଦୟ ସମ୍ବନ୍ଧୀୟ ତାଲିମ

ବିରିଡି, ୨।୩ (ଡି.ଏନ୍.ଏ.): ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକ ପକ୍ଷରୁ ମିଶନ ଅନ୍ତ୍ୟୋଦୟ ସମ୍ବନ୍ଧୀୟ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ହେମନ୍ତ କୁମାର ମହାନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିପିଓ ପାଏଲ ମହାପାତ୍ର, ଓଏଲଏମ ବିପିଏମ ଗଣେଶ ଚନ୍ଦ୍ର ସ୍ୱାଇଁ ଓ ପ୍ରମୋଦ କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଓଏଲଏମର ଏମ୍‌ବିକେମାନଙ୍କୁ ବୁଝାଇଥିଲେ। ବିଶେଷ କରି ପ୍ରତି ଗ୍ରାମରେ ଜନସାଧାରଣଙ୍କ ପାଇଁ କେଉଁ କେଉଁ ସରକାରୀ ସୁବିଧା ରହିଛି ସେ ସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ କେଉଁ କେଉଁ ସରକାରୀ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି ସେନେଇ ତଥ୍ୟ ସଂଗ୍ରହ କରାଯାଇଥିଲା।

### ଯାଦବ ସଂଘର ଲଉଡ଼ି ମହୋତ୍ସବ

ବିରିଡି, ୨।୩(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ଯାଦବ ସଂଘର ଧାନକୁଦ ପୀଠ ପକ୍ଷରୁ ଶୁକ୍ରବାର ରାତ୍ରିରେ ଧାନକୁଦ ଲଉଡି ସଂସ୍କୃତି କେନ୍ଦ୍ରଠାରେ ବାର୍ଷିକ ଲଉଡି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଧାନକୁଦ ପୀଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଦବ ସଂଘ ସଭାପତି ଲକ୍ଷ୍ମୀଧର ଦାସ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିଭୁଦତ୍ତ ସାହୁ, ଗିତାଞ୍ଜଳି ସାହୁ, ବିଷ୍ଣୁଚରଣ ମିଶ୍ର, ପଦ୍ମଲାଭ ବେହେରା, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୀଠାଧୀଶ ବାବା ଦାସ କହିଥିଲେ, ଗୋପାଳ ଉଗାଳ ଓ ଲଉଡି ନୃତ୍ୟ ଗୋପାଳ ଭାଇମାନଙ୍କ ଏକ ଅଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟ। ଏଥିରେ ରାଧା କୃଷ୍ଣଙ୍କ ଲୀଳା ଚରିତ୍ରକୁ ଗୋପାଳ ପିଲାମାନେ ଲଉଡି ଓ ଉଗାଳ ମାଧ୍ୟମରେ ପରିବେଷଣ କରିଥାନ୍ତି। ଏହି ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ଦୋଳ ଦଶମୀଠାରୁ ବିଭିନ୍ନ ଗ୍ରାମରେ ପରିବେଷଣ କରାଯାଇଥାଏ। ଏହା ଏକମାସ ଧରି ଚାଲିଥାଏ। ଏହି ଲଉଡି ମହୋତ୍ସବରେ ୧୦ ଦଳ ଯୋଗଦେଇ ଲଉଡି ପରିବେଷଣ କରିଥିଲେ।

### ସମାଜକୁ ବିଜ୍ଞାନର ଅବଦାନ ଅତୁଳନୀୟ

ପାରାଦୀପ, ୨।୩(ସ୍ୱ.ପ୍ର.): ପିପିଏଲ ଡିଏଭି ସ୍କୁଲ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରାଛାତ୍ରୀମାନେ ରଙ୍ଗୋଲି ଓ ପୋଷ୍ଟର ଆଦି କରିଥିଲେ। ଏହି ଅବସରରେ ଭାରତର ପ୍ରଖ୍ୟାତ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଜୀବନୀ ଓ ବିଜ୍ଞାନର ଆବିଷ୍କାର ଉଦ୍ଭାବନ ଉପରେ ଆଲୋଚନା ହୋଇଥିଲା। ଏଥିରେ ପିପିଏଲ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ସମାଜକୁ ବିଜ୍ଞାନର ଅବଦାନ ଅତୁଳନୀୟ ବୋଲି ଅଧକ୍ଷ ସାହୁ କହିଥିଲେ। ଏହାକୁ ବିଜ୍ଞାନ ଅଧାପିକା ରୀନା ମହାପାତ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ।

### ମିଶନ ଶକ୍ତି ମହିଳାଙ୍କୁ ସାଇକେଲ ବଣ୍ଟନ

ପାରାଦୀପ, ୨।୩(ସ୍ୱ.ପ୍ର.): ପାରାଦୀପ ପୌର ପ୍ରଶାସନିକ ଭବନ ପରିସରରେ ଗୁରୁବାର ମିଶନ ଶକ୍ତି ମହିଳା ମାନଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛ ସାଥୀ, କିନ୍ନର ସେବିକା, ମୋ ଖତ ତିଆରି କରୁଥିବା ମହିଳା, ଆବର୍ଜନା ସଂଗ୍ରହକାରୀ ୮୦ ଜଣଙ୍କୁ ଏହି ଅବସରରେ ସାଇକେଲ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ଛବିଲତା ରାଉତ ଓ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ।

# ଅଶୃଙ୍ଖଳା ପାଟନାଳୀ ସ୍ଲୁଇସ୍ ଗେଟ୍ ପାଇଁ ବିଶୃଙ୍ଖଳା

■ କବାଟ ରୋକୁନି କି ଦଳ ପାଇଁ ପାଣି ଛାଡୁନି
■ ଖର୍ଚ୍ଚ କୋଟିଏରୁ ଊର୍ଦ୍ଧ୍ୱ, ଚାଷୀଙ୍କ କାମରେ ଆସୁନି

କେନ୍ଦ୍ରାପଡା ଅଫିସ, ୨।୩

ଜଳ ନିଷ୍କାସନ ପାଇଁ ସ୍ଲୁଇସ ଗେଟ ଉପରକୁ ଟେକିଲେ ପାଣିକୁ ଦଳ ରୋକୁଛି। ଜଳସେଚନ ପାଇଁ ଗେଟ ତଳକୁ କଲେ କବାଟର ଉପରି ଭାଗ ଅଞ୍ଚଳରେ ଜଳକୁ ରୋକି ହେଉନି। କେନ୍ଦ୍ରାପଡ଼ା ଜିଲା ଡ୍ରେନେଜ ବିଭାଗ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ ନଚ୍ଛିପଡ଼ାସ୍ଥିତ ଅଶୃଙ୍ଖଳା ପାଟନାଳୀ ଉପରେ ଥିବା ସ୍ଲୁଇସ ଗେଟ୍ ବିଶୃଙ୍ଖଳା ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହି ପ୍ରକଳ୍ପ ପାଇଁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ନିକଟସ୍ଥ ୨ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଫସଲ ଉତ୍ପାଦନ କରିବା କଷ୍ଟକର ହୋଇପଡିଛି। ଚାଷ ଓ ଚାଷୀଙ୍କ ଏହି ସମସ୍ୟାର ନିରାକରଣ ପାଇଁ ବିଭାଗୀୟ ପଦସ୍ଥ କର୍ମଚାରୀଙ୍କ ଦୃଷ୍ଟିଗୋଚରକୁ ବାରମ୍ବାର ଅଣାଯାଉଛି। ତେବେ ଏହାର ସୁଫଳ ମିଳୁ ନ ଥିବା ସ୍ଥାନୀୟ ଅଞ୍ଚଳର ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପ୍ରମୋଦ ସ୍ୱାଇଁ, ଗଗନ ଗୋଚ୍ଛାୟତ, ପ୍ରଶାନ୍ତ ସ୍ୱାଇଁ, ଯଦୁମଣି ପରିଡା, ସୁଶାନ୍ତ କୁମାର ପରିଡା ପ୍ରମୁଖ କହିଛନ୍ତି, ସ୍ଲୁଇସ ଗେଟ ପାଇଁ ସ୍ଥାନୀୟ ଅଞ୍ଚଳର ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଚାଷ କରି ଆର୍ଥିକ ପରିସ୍ଥିତି ସୁଧାରିବା ଏକ ସ୍ୱପ୍ନ ପାଲଟିଛି। ଅଶୃଙ୍ଖଳା ପାଟନାଳୀର ଜଳ ପରିଚାଳନା ପାଇଁ ବହୁ ଚାଷୀ ଚାଷଜମିକୁ ପଡ଼ିଆ ପକାଉଥିଲେ। ସମସ୍ୟାର ନିରାକରଣ ପାଇଁ ୨୬ ନଂ. ଜୋନର ପୂର୍ବତନ ଜିଲା ପରିଷଦଙ୍କ ଉଦ୍ୟମ ପରେ ଏହି ସ୍ଲୁଇସ ଗେଟ ନିର୍ମାଣ ହେଲା। ଏଥିରେ ଥିବା ବନ୍ଧ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଯାତାୟାତ ସହ ଉତ୍ପାଦିତ ଫସଲର ପରିବହନ ସୁଯୋଗ ମିଳିଲା। ତେବେ ସ୍ଲୁଇସ ଗେଟ୍‌ର ନିର୍ମାଣଗତ ତ୍ରୁଟି ଯୋଗୁ ପାଟନାଳୀର ଜଳ ପରିଚାଳନା ହୋଇ ପାରୁନାହିଁ। ପାଣି ରୋକିବାକୁ ଗେଟ ପାଇଁ ଲାଗିଥିବା କବାଟକୁ ତଳକୁ କଲେ ପାଟନାଳୀ ଶଯ୍ୟାର ପ୍ରାୟ ୨ ଫୁଟ ଉପରକୁ ରହୁଛି। ସେହିପରି ଜଳ ନିଷ୍କାସନ ପାଇଁ କବାଟକୁ ଉପରକୁ ଟେକିଲେ ନାଳରେ ଥିବା ଦଳ ଜଳକୁ ରୋକୁଛି। ଫଳରେ ଚାଷ ପାଇଁ ଆବଶ୍ୟକ ଜଳ ମିଳୁନାହିଁ ଓ ଉଦ୍‌ବୃତ୍ତ ଜଳକୁ ନିଷ୍କାସନ କରି ହେଉନାହିଁ। ଫସଲ ପାଇଁ ଆବଶ୍ୟକ ମୁତାବକ ପାଣି ଯୋଗାଇ ହେଉ ନ ଥିବାରୁ ଆଶାନୁରୂପକ ଆମଦାନୀ ହେଉନାହିଁ। ଏ ସମ୍ପର୍କରେ ଡ୍ରେନେଜ ବିଭାଗର ଦୃଷ୍ଟିଆକର୍ଷଣ ସତ୍ତ୍ୱେ ନିରାକରଣ ହେଉ ନ ଥିବାରୁ ଆଗାମୀଦିନରେ ସ୍ଥାନୀୟ ଅଞ୍ଚଳର ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀ ବାଙ୍କବିହାରୀ ସାମଲଙ୍କୁ ପଚାରିବାରେ ମେକାନିକାଲ ସେକ୍ସନରେ ତ୍ରୁଟି ଅଛି। ଏ ନେଇ ସେକ୍ସନକୁ ଅବଗତ କରାଯିବ। ଆସନ୍ତା ବର୍ଷାଦିନ ପୂର୍ବରୁ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।


ଅଶୃଙ୍ଖଳା ପାଟନାଳୀରେ ଥିବା ସ୍ଲୁଇସ୍ ଗେଟ।

# ଜବରଦଖଲକାରୀଙ୍କୁ ୩ ଦିନରେ ଜାଗା ଛାଡ଼ିବାକୁ ନିର୍ଦ୍ଦେଶ


ପ୍ରଶାସନିକ ଅଧିକାରୀମାନେ ସ୍କୁଲ୍ ଜମିକୁ ମାପଚୁପ କରୁଛନ୍ତି।

## ସରକାରୀ ସ୍କୁଲ ଜମିକୁ ମାପଚୁପ କଲା ପ୍ରଶାସନ

ପାରାଦୀପ, ୨।୩(ସ୍ୱ.ପ୍ର.)

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ବାଲିତିଆ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଜାଗାକୁ ଗୁରୁବାର ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇଛି। ଏଥିସହ ଜବରଦଖଲ କରିଥିବା ଗୋଟିଏ ପରିବାରକୁ ୩ ଦିନ ମଧ୍ୟରେ ଜାଗା ଛାଡ଼ିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ୧୯୪୮ରୁ ଚାଲିଥିବା ଏହି ସ୍କୁଲର ୫୦ ଡିସିମିଲ ଜାଗା ରହିଛି। ୧୯୯୯ ମହାବାତ୍ୟା ବେଳେ ସ୍କୁଲ୍ ଘରର କିଛି ଅଂଶ ଭାଙ୍ଗି ଯାଇଥିଲା। ସେଠାରେ ଗୋଟିଏ ପରିବାର ଜବରଦଖଲ କରି ରହୁଥିଲେ। ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲର ପାଚେରି ଓ ଘରର ନବୀକରଣ କାମ ପାଇଁ ନିର୍ଦ୍ଦେଶ ଆସିଥିବାବେଳେ ସମ୍ପୃକ୍ତ ପରିବାର ଏହାକୁ ବିରୋଧ କରୁଥିଲେ। ପ୍ରାୟ ୩ ବର୍ଷ ଧରି ଏମିତି ଅସୁବିଧା ହେବାପରେ ଗୁରୁବାର କୁଜଙ୍ଗ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ, ଲକ୍‌ଥାନା ପୋଲିସ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ରାଉତ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସରକାରୀ ଅମିନ, ଆରଆଇ ଉକ୍ତ ମାପଚୁପ କରିଥିଲେ ବୋଲି ଗ୍ରାମ ମୁରବି ମୋହନ ବଳବନ୍ତରାୟ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ପ୍ରଧାନ କହିଛନ୍ତି, ସ୍କୁଲ ନାମରେ ଥିବା ୫୦ ଡିସିମିଲ ଜାଗାକୁ ଚିହ୍ନଟ କରାଯାଇଛି।

# ଉତ୍ତରେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ: ଜଗତ୍‌ସିଂହପୁର ଚାମ୍ପିୟନ

ବାଲିକୁଦା, ୨।୩ (ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତର ଉତ୍ତରେଶ୍ୱର ୟୁଥ କ୍ଲବ ପୋଦରୁଆଁ ଆନୁକୂଲ୍ୟରେ ଚାଲିଥିବା ୧୦ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜଗତ୍‌ସିଂହପୁର ବ୍ଲକ ଡାଇମଣ୍ଡ ଓ ମାତୃଶକ୍ତି କ୍ରିକେଟ୍ କ୍ଲବ ଦଶବାଟିଆ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଦଶବାଟିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିଥିଲା। ଜବାବରେ ଜଗତସିଂହପୁର ୫ ଉଇକେଟ ହରାଇ ୭.୧ ଓଭରରେ ୪୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଦଳର ଜିତେନ୍ଦ୍ର କୁମାର ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ସିରିଜରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କଲିମ ଖାଁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ସନାତନ ଓଝା ଓ ଚିତ୍ତରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ ଧାରା ବିବରଣୀ ସୁବାସ ସ୍ୱାଇଁ, ପିଣ୍ଟୁ କୁମାର, ବିକ୍ରମ ପରିଡା ଓ ଗୁଡୁନି ନନ୍ଦ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତାଭାବେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ଜନୀ ମହାରଣା, ଯୁବ ସଙ୍ଗଠକ ମାନସ ଜେନା ଓ ନାଏବ ସରପଞ୍ଚ ଅଜୟ କୁମାର ମହାନ୍ତି ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଟ୍ରଫି ସମେତ ନଗଦ କୋଡିଏ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ଦଶ ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନସୂୟା


@ ଦିଲୀପ


@ ଦୀପକ


@ ବାଦଲ


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଷ୍ଟମଙ୍ଗଳାରେ ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

ନାଉଗାଁ, ୨।୩(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା କୋରୁଆ ପଞ୍ଚାୟତ ଅନ୍ତର୍ଗତ ଗାରୋଇ ଗ୍ରାମରେ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ଗାରୋଇ ଗ୍ରାମର ଅରୂପାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଶୁଭସ୍ମିତା। ଏନେଇ ପୋଲିସ ପକ୍ଷରୁ ସ୍ୱାମୀଙ୍କୁ ଗାରୋଇ ଫାଣ୍ଡିରେ ଅଟକ ରଖି ପଚରାଉଚରା କରାଯାଉଛି। ୨୨।୨।୨୩ରେ ଉକ୍ତ ପଞ୍ଚାୟତର ଧୂଆଁପଦାସ୍ଥିତ ବନବିହାରୀ ଜେନାଙ୍କ ଝିଅ ଶୁଭସ୍ମିତାଙ୍କ ସହ ଅରୂପାନନ୍ଦଙ୍କ ବୈଦିକରୀତିରେ ବିବାହ ହୋଇଥିଲା। ଗୁରୁବାର ବିବାହର ଅଷ୍ଟମ ଦିନ ଅର୍ଥାତ୍ ଅଷ୍ଟମଙ୍ଗଳା ଥିଲାବେଳେ ଶାଶୁ ଘର ଭିତରୁ ଶୁଭସ୍ମିତାଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ଫ୍ୟାନରେ ଟେଷ୍ଟ କପଡା ଲଗାଇ ଝୁଲିପଡ଼ିଥିବା ଜଣାପଡ଼ିଛି। ଶୁଭସ୍ମିତାଙ୍କ ବାପାଙ୍କ କହିବା ମୁତାବକ, ଅରୂପାନନ୍ଦ କେନ୍ଦ୍ରାପଡ଼ାରେ ସରକାରୀ କର୍ମଚାରୀଭାବେ କାମ କରନ୍ତି। ବିବାହ ସମୟରେ ଆବଶ୍ୟକ ମୁତାବକ ଜାନିଯୌତୁକ ଦିଆଯାଇଥିବାବେଳେ ଶାଶୁଘର ଲୋକେ ଅଧିକ ଦାବି କରିଥିଲେ। ଏନେଇ ଝିଅକୁ ମାରିଦିଆଯାଇଛି ବୋଲି ସେ କହିଛନ୍ତି। ଖବରପାଇ ଘଟଣାସ୍ଥଳରେ ଗାରୋଇ ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା, ନାଉଗାଁ ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ଏସ୍‌ଆଇ ବିଭୂତି ବିଶ୍ୱାଳ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ରିପୋର୍ଟ ଲେଖାହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ଅଜିତ ଦାସଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଜଣେ ଗିରଫ

ପାରାଦୀପ, ୨।୩ (ସ୍ୱ.ପ୍ର.)

ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ଅଧକ୍ଷ ଅଜିତ ଦାସଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପାରାଦୀପ ଆଦର୍ଶ ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିତାଇ ମଣ୍ଡଳ। ଏ ନେଇ ଥାନାରେ ମାମଲା (ନଂ.୯୬/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଅଜିତ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ମଧୁବନ ବଙ୍ଗାଳିପଡାରେ ଥିବା ନିଜ ଘରକୁ ଫେରିବା ବେଳେ ତାଙ୍କୁ ୫ ଜଣ ମରଣାନ୍ତକ ଆକ୍ରମଣ କରିଥିଲେ। ଏବେ ସେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଅଜିତଙ୍କ ଝିଅ ଗଙ୍ଗା ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ସେଥିରେ ସେ ଜଣେ ଭାଜପା ନେତାଙ୍କ ସମେତ ୮ ଜଣଙ୍କ ନାମ ଉଲ୍ଲେଖ କରିଛନ୍ତି।

# ‘ବିଧବା ମା’ ସମାଜରେ ଅସ୍ପୃଶ୍ୟ ନୁହନ୍ତି’

ବାଲିକୁଦା, ୨।୩(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଅନନ୍ତ ବଳିଆ ଆଶ୍ରମ ପ୍ରତିଷ୍ଠା ଦିବସ ଅବସରରେ ଆଶ୍ରମ ପକ୍ଷରୁ ୨ ଦିନିଆ ଭାଗବତ କଥା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବାବା ବଳିଆ ଯୋଗଦେଇ ଭାଗବତ ଗାଥାରେ ବର୍ତ୍ତମାନ ସମାଜରେ ବିଧବା ମା’ମାନଙ୍କୁ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ବାରଣ କରାଯାଉଛି। ମୁଁ ଏହାକୁ ଦୃଢ଼ ଭାବରେ ବିରୋଧ କରୁଛି। ବିଧବା ମା’ମାନେ ସମାଜରେ ଅସ୍ପୃଶ୍ୟ ନୁହନ୍ତି ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ବାବାଙ୍କ ଦ୍ୱାରା ସଭାରେ ଉପସ୍ଥିତ ଥିବା ବିଧିବା ମା’ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଗୀତା ଭାଗବତ କଥା କାର୍ଯ୍ୟକ୍ରମ ଗୁରବାର ଉଦ୍‌ଯାପିତ ହୋଇଯାଇଛି। ଗୋପାଳପୁର ଅନନ୍ତ ବଳିଆ ଆଶ୍ରମର ଭକ୍ତମାନଙ୍କ ଦ୍ୱାରା ବାଲିକୁଦା କଲେଜ ପରିସରରେ ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏଥିସହ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଆଶ୍ରମର ସମସ୍ତ ଭକ୍ତ ସହଯୋଗ କରିଥିଲେ।


ଅନନ୍ତ ଆଶ୍ରମ ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ ହୋଇଥିବା ବିଧବା ମା’ମାନେ।

# ଘର ଉପରେ ୧୧ କେଭି ବିଦ୍ୟୁତ୍ ତାର

■ ଭୟରେ ଦିନ କାଟୁଛନ୍ତି ୧୧ରୁ ଉର୍ଦ୍ଧ୍ୱ ପରିବାର
■ ଛାତ ଉପରକୁ ଯାଇପାରୁ ନାହାନ୍ତି
■ ପରିବା ଫସଲ କରିପାରୁ ନାହାନ୍ତି

ନାଉଗାଁ, ୨।୩(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ଗ୍ରାମର ମଲିକ ସାହି ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ଏହି ତାର ଗ୍ରାମର ୧୧ରୁ ଉର୍ଦ୍ଧ୍ୱ ପରିବାରଙ୍କ ବାସଗୃହ ଉପରେ ଯାଇଥିବା ବେଳେ ଆଉ କେତେଜଣଙ୍କ ଘରର ପଛ ପାର୍ଶ୍ୱରେ ଯାଇଛି। ଏନେଇ ସମ୍ପୃକ୍ତ ପରିବାରଗୁଡ଼ିକ ଭୟରେ ଦିନ କାଟୁଛନ୍ତି। ଏହି ତାର ବିପଦସଙ୍କୁଳ ଅବସ୍ଥାରେ ଏତେ ତଳେ ଯାଇଥିବାରୁ ଅନେକ ପରିବାର ଚାଳଛପର କରିପାରୁ ନଥିବା ଅଭିଯୋଗ କରିଛନ୍ତି। ଏପରିକି ଘରର ଛାତ ଉପରକୁ ଯିବାକୁ ମଧ୍ୟ ଭୟ ଲାଗୁଛି। ଦୁର୍ଘଟଣା ଆଶଙ୍କାରେ ସେମାନେ ପିଲାଙ୍କୁ ଛାତ ଉପରକୁ ଛାଡ଼ିବାକୁ ଡରୁଛନ୍ତି।

ସେହିପରି ଘରର ପଛ ପାର୍ଶ୍ୱରେ ତାର ଝୁଲି ରହିଥିବାରୁ କିଛି ଲୋକେ ପନିପରିବା ଫସଲ ମଧ୍ୟ କରିପାରୁ ନ ଥିବା କହିଛନ୍ତି। ବର୍ଷା ହେଲେ ସେମାନଙ୍କ ଚିନ୍ତା ବଢ଼ିଯାଉଛି। କୌଣସି କାରଣବଶତଃ ତାର ଘର ଉପରେ ଛିଣ୍ଡିପଡିଲେ ଧନଜୀବନ ହାନି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନି ବୋଲି ସମ୍ପୃକ୍ତ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଆଲୁମିନିୟମ ତାର ବଦଳରେ କେବୁଲ ତାର ପକାଇବାର ନିୟମ ରହିଥିଲେ ହେଁ ଏପର୍ଯ୍ୟନ୍ତ ତାହା କରାଯାଉ ନାହିଁ। କେତେକ ଖୁଣ୍ଟ ଦୀର୍ଘ ଦିନ ହେବ ଭାଙ୍ଗିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ।

ତାର ଓ ଭଙ୍ଗା ଖୁଣ୍ଟକୁ ପରିବର୍ତ୍ତନ କରି ନୂତନ ବିଦ୍ୟୁତ୍ ଖୁଣ୍ଟ ପକାଇବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମର ବୁଲୁ ମଲିକ, ଗୁଲୁ ମଲିକ, ଆର୍ତ୍ତବନ୍ଧୁ ମଲିକ ଓ ରବି ମଲିକ ପ୍ରମୁଖ କହିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଟାଟା ପାଓାରର ଲିଡ୍ ମ୍ୟାନେଜର ଦୀପକ ଭୂଇଁ କହିଛନ୍ତି, ଏ ବିଷୟରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛୁ। ଏହି ତାର ସ୍ଥାନାନ୍ତର ପାଇଁ ଅର୍ଥ ଆସିଲେ ତାହା କରାଯିବ ବୋଲି ସେ କହିଛନ୍ତି।


ଘର ଉପରେ ଯାଇଥିବା ବିଦ୍ୟୁତ୍ ତାର।

## ସଂକ୍ଷେପରେ

### ଦଶପଲ୍ଲା ଏନ୍ଏସିର ସାଧାରଣ ଅଧିବେଶନ

ଦଶପଲ୍ଲା,୨।୩(ଡି.ଏନ.ଏ.)-ଗୁରୁବାର ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ୬ ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନଏସି ଅଧକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଏନ୍ଏସି ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ଏନ୍ଏସି ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ରଙ୍କ ସମେତ ସମସ୍ତ କାଉନସିଲ ଓ ଏନଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ, ଗାନ୍ଧି ପଡ଼ିଆ ଓ ନେତାଜୀ ପଡ଼ିଆର ଉନ୍ନତି କରଣ, ଆସନ୍ତା ଲଙ୍କାପୋଡ଼ି ଯାତ୍ରା ନିମନ୍ତେ ମହାବୀର ମନ୍ଦିରଠାରୁ ଗାନ୍ଧି ପଡ଼ିଆ ପର୍ଯ୍ୟନ୍ତ ସ୍ୱଚ୍ଛତା ଉପରେ ଆଲୋଚନା କରାଯାଇଥିଲା।

### ରାକମା ଜିଆର୍ଏସ୍ ବହିଷ୍କୃତ

ନୟାଗଡ଼ ଅଫିସ/ଭାପୁର, ୨।୩(ଡି.ଏନ୍.ଏ.): ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତର ତଲମାରଡ଼ା ଗାଁ ଆବାସ ଯୋଜନାର ଜାଲିଆତି ଘଟଣାରେ ରାକମା ପଞ୍ଚାୟତର ଗ୍ରାମ୍ୟ ରୋଜଗାର ସେବକ(ଜିଆରଏସ୍) ଶ୍ରୀଧର ନାୟକ ବହିଷ୍କୃତ ହୋଇଛନ୍ତି। ପଦ୍ମାବତୀ ପଞ୍ଚାୟତର ତଲମାରଡ଼ା ଗାଁରେ ଜଗନ୍ନାଥ ମଲ୍ଲିକଙ୍କ ଆବାସ ଘରକୁ ସେହିଗାଁର ଜଗା ମଲ୍ଲିକଙ୍କୁ ୨୦୧୮-୧୯ ଆର୍ଥିକ ବର୍ଷରେ ଚଙ୍କେତା କରି ଦିଆଯାଇଥିଲା। ଜଗନ୍ନାଥ ମଲ୍ଲିକଙ୍କ ପରିବାର ପୁରୀରେ ଦୀର୍ଘ ବର୍ଷ ଧରି ରହୁଛନ୍ତି। ଗାଁ ଘର ମାଟିରେ ମିଶି ଯାଇଥିବାବେଳେ ମରାମତି ପାଇଁ ଆସିଥିବା ଆବାସ ଯୋଜନା ଟଙ୍କା ଜାଲିଆତିକୁ ପଦାରେ ପକାଇଥିଲା। ଏଭଳି ସ୍ଥଳେ ପଦ୍ମାବତୀ ପଞ୍ଚାୟତର ଜିଆରଏସ୍ ଶ୍ରୀଧର ନାୟକଙ୍କ ରାକମା ପଞ୍ଚାୟତକୁ ବଦଳି ହୋଇଥିଲା। ଶ୍ରୀଧରଙ୍କ ବିରୋଧରେ ଆବାସ ଯୋଜନାରେ ହିତାଧିକାରୀ ଚୟନ, ଜିଓ ଟ୍ୟାଗିଂ ପରି ଅଭିଯୋଗରେ ଅନିୟମିତତା ଅଭିଯୋଗ ରହିଥିଲା। ଏନେଇ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ କୁହନ୍ତି, ପଦ୍ମାବତୀ ପଞ୍ଚାୟତର ଆବାସ ଯୋଜନା ଜାଲିଆତି ଘଟଣାରେ ଜିଆରଏସ୍ ଶ୍ରୀଧର ନାୟକଙ୍କୁ ବହିଷ୍କାର କରାଯାଇଛି।

### ପ୍ରଥମ ଦିନ ପରୀକ୍ଷାରେ ୪ ଛାତ୍ରୀଛାତ୍ର ଅନୁପସ୍ଥିତ

ଖଣ୍ଡପଡ଼ା,୨।୩(ସ୍ୱ.ପ୍ର.): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ପରୀକ୍ଷା ଗୁରୁବାରଠାରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି। ନୟାଗଡ଼ ଜିଲା ଖଣ୍ଡପଡ଼ା ହବ୍ କେନ୍ଦ୍ର ଅଧୀନରେ ଥିବା ଯୁକ୍ତ ଦୁଇ କଳାରେ ପ୍ରଥମ ଦିନ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ୧୯୯ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩ଜଣ ଅନୁପସ୍ଥିତ ଥିଲେ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୬୧ ଜଣ ପରୀକ୍ଷା ଦେଇଥିଲେ। ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା କଲେଜ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ତେବେ ପ୍ରଥମ ଦିନ ପରୀକ୍ଷା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି।

# ମିଥ୍ୟା ସତ୍ୟପାଠ ଜାଲିଆତି ଧରାପଡ଼ିଲା

ନୟାଗଡ଼ ଅଫିସ/ଓଡ଼ଗାଁ,୨।୩(ସ୍ୱ.ପ୍ର.)

- ଆବାସ କାର୍ଯ୍ୟାଦେଶ ଜଣକ ନାଁରେ ଆସି ଅନ୍ୟଙ୍କୁ ଦିଆଯାଇଛି
- ହଡପକାରୀଙ୍କଠାରୁ ଆଦାୟ ହେବ ଆବାସ ଯୋଜନା ଅନୁଦାନ
- ପିଇଓ, ଜିଆର୍ଏସ୍ ଫସିବେ, ସରପଞ୍ଚ ଖସିବେ
- ଘର ମରାମତି ପାଇଁ ଆସିଥିବା ୩ ହଜାର ଟଙ୍କା ଗୁମର ଖୋଲିଥିଲା

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବରସାହି ପଞ୍ଚାୟତ ସିଙ୍ଗାରପୁର ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଥ୍ୟା ସତ୍ୟପାଠରେ ଜାଲିଆତି କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଜଣକ ନାଁରେ ଆସିଥିବା ଆବାସ କାର୍ଯ୍ୟାଦେଶକୁ ଅନ୍ୟ ଜଣଙ୍କୁ ଦେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଓ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଫସିବାକୁ ଯାଉଛନ୍ତି। ତେବେ ପୂର୍ବତନ ସରପଞ୍ଚଙ୍କ ନାଁ ଜାଲିଆତିରେ ଆସୁଥିବାବେଳେ ସରକାରୀ ଭାବେ ପ୍ରମାଣ ଅଭାବରୁ ସେ ଖସି ଯାଇପାରନ୍ତି ବୋଲି ଜଣାପଡୁଛି। ଅନ୍ୟପକ୍ଷେ ସାର୍ଟିଫିକେଟ କେସ୍ କରାଯାଇ ଫର୍ଜରୀ କରି ହାତେଇଥିବା ଅନୁଦାନକୁ ସରକାର ଆଦାୟ କରିବେ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେବେ ସିଙ୍ଗାରପୁରରେ ଆବାସ ଯୋଜନାରେ ଘର ନ ଥାଇ ମରାମତି ପାଇଁ ୩ ହଜାର ଟଙ୍କା ଆସିବା ପରେ ଜାଲିଆତି ପଦାରେ ପଡିଛି।

ସିଙ୍ଗାରପୁର ଗାଁର ଗୀତା ନାୟକ ଅଭିଯୋଗ ଅନୁସାରେ, ମୋ ସ୍ୱାମୀ ଗଣେଶଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିନି। ତେବେ ଆବାସ ଯୋଜନାରେ ଘର ମରାମତି ପାଇଁ ୩ ହଜାର ଟଙ୍କା କିପରି ଆସିଛି। ମୋ ପରିବାରର କୌଣସି ଲୋକ ସିଙ୍ଗାରପୁରରେ ରହୁନାହୁଁ। ଅର୍ଥ ଅଭାବ ଯୋଗୁ ଚାଳ ଛପର କରି ନ ପାରିବାରୁ ଘର ଭାଙ୍ଗିଗଲା। ପ୍ରାୟ ୮ ବର୍ଷ ହେଲାଣି ଗାଁ ଛାଡିଲୁଣି। ତେବେ ୨୦୧୬-୧୭ ଆର୍ଥିକ ବର୍ଷରେ ମୋ ସ୍ୱାମୀଙ୍କ ନାଁରେ ଆବାସ କାର୍ଯ୍ୟାଦେଶରେ ଘର କିପରି କରାଗଲା। ଏଣୁ ଆବାସ ଯୋଜନାରେ ଜାଲିଆତି କରି ଘର ଚୋରି କରାଯାଇଛି ବୋଲି ଓଡ଼ଗାଁ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଫେବୃୟାରୀ ୨୮ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପରେ ବିଡିଓ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ଆବାସ ଯୋଜନା ଜାଲିଆତିର ଗୁମର ଖୋଲିଛି। ଏ ନେଇ ଓଡ଼ଗାଁ ବିଡିଓ ସନ୍ତୋଷ କୁମାର ଜେନା କୁହନ୍ତି, ସିଙ୍ଗାରପୁର ଆବାସ ଯୋଜନା ଦୁର୍ନୀତି ଘଟଣାରେ ତତ୍କାଳୀନ ସରପଞ୍ଚ, ପିଇଓ, ଗ୍ରାମ୍ୟ ରୋଜଗାର ସେବକଙ୍କ ଭୂମିକା ରହିଥିବା ତଦନ୍ତରୁ ଜଣାପଡିଛି। ତେବେ ବ୍ୟାଙ୍କରେ କେଉଁ କାଗଜାତ ଦାଖଲ କରାଯାଇ ଦୁର୍ନୀତି ହୋଇଛି ସେନେଇ କାଗଜାତ ବ୍ୟାଙ୍କକୁ ମଗାଯାଇଛି। ବ୍ୟାଙ୍କରୁ କାଗଜାତ ଆସିବା ପରେ ଜାତିଆତି କରି ହଡ଼ପ ହୋଇଥିବା ଅନୁଦାନ ଟଙ୍କାକୁ ସାର୍ଟିଫିକେଟ କେସ୍ କରି ଆଦାୟ କରାଯିବ। ଅଭିଯୋଗକାରୀ ଗୀତାଙ୍କ ସ୍ୱାମୀ ଗଣେଶଙ୍କ କାର୍ଯ୍ୟାଦେଶକୁ ସେହି ଗାଁର ଅନ୍ୟ ଜଣେ ଗଣେଶ ନାୟକ ମିଥ୍ୟା ସତ୍ୟପାଠ କରି ହଡ଼ପ କରିଛନ୍ତି। ଅନ୍ୟପକ୍ଷେ ପିଇଓ ଓ ଜିଆରଏସ୍ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

### ଜିଲା ପରିଷଦ ପକ୍ଷରୁ ତଦନ୍ତ ହେବ

ସିଙ୍ଗାରପୁର ଆବାସ ଯୋଜନାର ଦୁର୍ନୀତି ପଦାକୁ ଆସିବା ପରେ ଜିଲା ପରିଷଦ ପକ୍ଷରୁ ତଦନ୍ତ ହେବ। ଏ ନେଇ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ କୁହନ୍ତି, ଭାପୁର ବ୍ଲକ ପଦ୍ମାବତୀ ଆବାସ ଯୋଜନାରେ ଜାଲିଆତି ଘଟଣାରେ ଜିଆରଏସ୍ଙ୍କୁ ବହିଷ୍କୃତ କରାଯାଇଛି। ସେହିପରି ସିଙ୍ଗାରପୁର ଆବାସ ଯୋଜନା ଜାଲିଆତିର ତଦନ୍ତ କରାଯିବ। ଯିଏ ଦୋଷୀ ଜଣାପଡ଼ିବ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବାସ ଯୋଜନାକୁ ସ୍ୱଚ୍ଛ କରିବାକୁ ସରକାର, ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

### ଆବାସ ଯୋଜନାରେ ଜାଲିଆତି ବଢ଼ୁଛି

ଭାପୁର ବ୍ଲକର ପଦ୍ମାବତୀ ଓ ଓଡ଼ଗାଁର ସିଙ୍ଗାରପୁର ଆବାସ ଜାଲିଆତିକୁ ଅନୁଧ୍ୟାନ କଲେ ହିତାଧିକାରୀଙ୍କୁ ଚକମା ଦେଖାଇ ଆବାସ ଯୋଜନାରେ ଅନିୟମିତତା କରାଯାଉଛି। ଜଣଙ୍କର କାର୍ଯ୍ୟାଦେଶକୁ ଫନ୍ଦି ଫିକର କରି ଅନ୍ୟ ଜଣକୁ ଦିଆଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ସମାନ ଅଭିଯୋଗ ହେଉଛି। ଏହା ପଛରେ ଯେଉଁ ଲୋକ ପ୍ରତିନିଧି ଓ ସରକାରୀ କର୍ମଚାରୀ ରହୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଇନକୁ ଢ଼ାଲ କରି ଅଭିଯୁକ୍ତ ଖସି ଯାଉଥିବାରୁ ଆବାସ ଯୋଜନାରେ ଜାଲିଆତି ବଢ଼ି ଚାଲିଛି ବୋଲି ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି।

# ବଦଳିବ ୪ ଚିରସ୍ରୋତା ଝରଣାର ରୂପ

ନୟାଗଡ଼ ଅଫିସ,୨।୩


କାନଖାଇ ପାହାଡ ପାଦଦେଶରେ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

- ବିଧାୟକ, ଜିଲାପାଳଙ୍କ ଗସ୍ତ ପରେ ପଦକ୍ଷେପ
- ଇକୋ ଟୁରିଜିମ୍ର ମାନ୍ୟତା ପାଇବାର ଆଶା ସଫଳ ହେବ

ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତର ଗୋଟିଏ ପାହାଡ଼ରେ ୪ ଚିରସ୍ରୋତା ଝରଣାକୁ ଦେଖିବାକୁ ଗୁରୁବାର ନୟାଗଡ଼ ବିଧାୟକ ଅରୁଣ ସାହୁ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଡିଏଫଓ କ୍ଷମା ଷଡ଼ଙ୍ଗୀ, ବିଡିଓ ସନ୍ତୋଷ କୁମାର ଜେନା, ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ, ତହସିଲଦାର ଅନୀଲ ଆଚାର୍ଯ୍ୟ, ବ୍ଲକ ଅଧକ୍ଷ ଲୋକନାଥ ସାହୁ ସେଠାକୁ ଯାଇଥିଲେ। ଏହାପରେ ଇକୋ ଟୁରିଜିମର ଆଶା ସଫଳ ହେବାକୁ ଯାଉଛି ବୋଲି ମତ ପ୍ରକାଶ ପାଇଛି। ଜିଲାପାଳ, ବିଧାୟକ ଓ ଡିଏଫ୍ଓଙ୍କ ସୂଚନା ପରେ ୪ ଝରଣାର ଆଖପାଖ ଅଞ୍ଚଳର ରୂପ ବଦଳିବାକୁ ଯାଉଛି। ସମ୍ପୃକ୍ତ ସ୍ଥାନ ଇକୋ ଟୁରିଜିମର ମାନ୍ୟତା ପାଇବ ବୋଲି ଆଶ୍ୱସନା ମିଳିଛି।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ନିହଲପ୍ରସାଦ ଗାଁରେ ରହିଛି ୪ ଚିରସ୍ରୋତା ଝରଣା। ଏଥିସହିତ କାନଖାଇ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଶରଣକୁଳ ଓଡ଼ଗାଁ ରାସ୍ତାର କେନାଲ ଛକଠାରୁ ବୁଢ଼ାବୁଢ଼ିଆଣି ଡ୍ୟାମ ଠାରୁ ୫ କିମି ଓ ବୁଢ଼ାବୁଢ଼ିଆଣି ଡ୍ୟାମ୍ଠାରୁ ୪ କିମି ଗଲେ ପଡେ ଏହି କାନଖାଇ ପାହାଡ। କାନଖାଇ ପାହାଡର ପାଦ ଦେଶରୁ ଶିଖର ପର୍ଯ୍ୟନ୍ତ ବହୁଛି ଏହି ୪ ଚିରସ୍ରୋତା ଝରଣା। ପାହାଡ ଉପରିଭାଗରେ କାନଖାଇ, ପରେ ହଳଶଗଡ, ବରକନ୍ୟା ଓ ପାଦ ଦେଶରେ ବହୁଛି ଶିଶୁ ପୁତ୍ର ଝରଣା। ଏହି ଝରଣାର ଜଳ ସବୁବେଳେ କୁଳୁକୁଳୁ ନାଦରେ ବହି ଚାଲିଥାଏ। ଗ୍ରୀଷ୍ମଋତୁରେ ସେଠାକାର ପରିବେଶ ପର୍ଯ୍ୟଟକଙ୍କୁ ବେଶ ଆମୋଦ ଦିଏ। ଗ୍ରୀଷ୍ମଋତୁରେ ସେଠାରେ ଶୀତ ଅନୁଭୂତ ହୁଏ। ଦିନବେଳା ଏଠାରେ ରାତିର ଭ୍ରମ ସୃଷ୍ଟି କରିଥାଏ।

ଏନେଇ ବିଧାୟକ ସାହୁ ଓ ଜିଲାପାଳ ସାହୁ କୁହନ୍ତି, ରିଜର୍ଭ ଫରେଷ୍ଟ ଭିତରେ ଗୋଟିଏ ମୁଣ୍ଡିଆରେ ୪ଟି ଚିରସ୍ରୋତା ଝରଣା ରହିଥିଲେହେଁ ଏହା ନଜରକୁ ଆସି ନ ଥିଲା। ବନବିଭାଗ ସହ ଆଲୋଚନା କରାଯାଇ ଏହାକୁ ଇକୋ ଟୁରିଜିମ ରୂପେ ଘୋଷଣା କରାଯିବାକୁ ପଦକ୍ଷେପ ନିଆଯିବ। ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ଆସନ୍ତା ବର୍ଷ ଏହାକୁ ଇକୋ ଟୁରିଜିମରେ ଘୋଷଣା କରାଯିବାକୁ ପ୍ରସ୍ତାବ ଦିଆଯିବ। ତେବେ ସେଠାକାର ଜଙ୍ଗଲିଆ ପରିବେଶ ହାତୀଙ୍କ ଚଳପ୍ରଚଳ ସ୍ଥଳ ସାଜିଛି। ହାତୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ପଦକ୍ଷେପ ନିଆଯିବ। ଅନ୍ୟପକ୍ଷେ ବଣଭୋଜି ଝରଣା ପାଖରେ ନ କରି ପାହାଡ଼ ପାଦଦେଶରେ କରାଯାଇ ପାରିବ। କିନ୍ତୁ ଝରଣାଗୁଡିକୁ ବୁଲିବାକୁ ଗଲେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତ।

### ଅଗ୍ନିକାଣ୍ଡରେ ଜଳିଗଲା ୫ ବଖରା

ନୂଆଗାଁ,୨।୩ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ସାନଜିରି ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ ପରିବାରର ୫ ବଖରା ଜଳି ଯାଇଛି। ଗ୍ରାମର ବାଳକୃଷ୍ଣ ଜାନିଙ୍କ ୩ ବଖରା ଓ ତୁଳା ଜାନୀଙ୍କ ୨ ବଖରା ପୋଡ଼ି ପାଉଁଶ ହୋଇଛି। ଏଥିରେ ଉଭୟ ପରିବାରର ଆସବାବପତ୍ର, ଧାନ ପୋଡ଼ି ଯାଇଛି। ନିଆଁର ତାପ ଯୋଗୁ ଘରେ ପଶି ଆସବାବପତ୍ର ବାହାର କରିବା ସମ୍ଭବ ହୋଇ ନ ଥିଲା ବୋଲି ପରିବାର ଲୋକେ କହିଛନ୍ତି। ଖବର ପାଇ ନୂଆଗାଁ ଅଗ୍ନିଶମବାହିନୀ ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଖବର ପାଇ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଚାହାଳି ସମିତି ସଭ୍ୟଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ମିଶ୍ର ଅଗ୍ନି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇଛନ୍ତି।


ନିଆଁ ଲାଗି ପୋଡ଼ି ଯାଇଥିବା ଘର।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅନସୂୟା


@ ଦିଲୀପ


@ ଦୀପକ


@ ବାଦଲ


@ ରାକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଳମ୍ବରେ ଖୋଲୁଛି ରଣପୁର ବ୍ଲକ୍ କାର୍ଯ୍ୟାଳୟ

ରଣପୁର,୨।୩(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ କାର୍ଯ୍ୟାଳୟ ପ୍ରତିଦିନ ବିଳମ୍ବରେ ଖୋଲୁଛି। ଦିନ ୧୧ଟା ପରେ ଅଧିକାରୀ ଓ କର୍ମଚାରୀମାନେ ଆସୁଛନ୍ତି। ଫଳରେ ଉକ୍ତ କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସିଥିବା ଲୋକମାନେ ହଇରାଣ ହେଉଛନ୍ତି। ଦୂରଦୂରାନ୍ତରୁ ବ୍ଲକ କାର୍ଯ୍ୟାଳୟକୁ ଆସି ଘଣ୍ଟା ଘଣ୍ଟ ଅପେକ୍ଷା କରୁଥିବା ସାଧାରଣ ଲୋକମାନଙ୍କୁ ଉପଯୁକ୍ତ ସେବା ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଗୁରୁବାର ଦିନ ୧୧.୩୦ ପରେ ବି ବିଡ଼ିଓ କିମ୍ବା କର୍ମଚାରୀ ଅଫିସ ଆସି ନ ଥିଲେ। କାର୍ଯ୍ୟାଳୟରେ ତାଲା ଝୁଲୁଥିଲା। ଅପରପକ୍ଷେ ବ୍ଲକ ରେଜିଷ୍ଟରରେ କୌଣସି କର୍ମଚାରୀ ଦସ୍ତଖତ କରି ନ ଥିଲେ। ଏ ସଂକ୍ରାନ୍ତରେ ବନ୍ଧ ମୁଣ୍ଡ ଗ୍ରାମର ହରି ନାୟକ ଓ ଡମସାହି ଗ୍ରାମର ରାଜେନ୍ଦ୍ର ପ୍ରଧାନ, ରଙ୍କ ଦେଉଳିର ପ୍ରସନ୍ନ ସାହୁ ଅଭିଯୋଗ କରିଛନ୍ତି, ଠିକ ସମୟରେ ଅଫିସ ଖୋଲାଯାଉ ନାହିଁ, ସରକାରୀ ବାବୁମାନେ ମନଇଛା ନିଜ ସୁବିଧାରେ ଅଫିସକୁ ଆସୁଛନ୍ତି। ଅଫିସ ଖୋଲିବା ସମୟ ସକାଳ ୧୦ଟା ହୋଇଥିଲା ମଧ୍ୟ ବାବୁମାନେ ସାଢେ ୧୧ଟାରେ, ଆଉ କିଏ ୧୨ଟାରେ ଆସୁଥିବା ନଜିର ରହିଛି। ଅନ୍ୟ କେତେଜଣ କର୍ମଚାରୀ ନିଜ ଆସନ ଛାଡ଼ି କୁଆଡେ ଚାଲି ଯାଉଛନ୍ତି ତା'ର ଉତ୍ତର କାହା ପାଖରେ ରହୁନି। ଏପଟେ ସାଧାରଣ ଲୋକେ ସରକାରୀ ବାବୁମାନଙ୍କୁ ଭେଟିବା ପାଇଁ ସକାଳୁ ଦିନ ତମାମ ଚାହିଁ ବସୁଛନ୍ତି। ଅଧିକାଂଶ ସମୟରେ ଲୋକମାନେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସାକ୍ଷାତ ନ ପାଇ ନିରାଶ ହୋଇ ଘରକୁ ଫେରୁଛନ୍ତି। ଏ ସଂକ୍ରାନ୍ତରେ ରଣପୁର ବିଡ଼ିଓ ଜ୍ୟୋତି ପ୍ରକାଶ ସେଠୀ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ଦସ୍ତଖତ ହୋଇନଥିବା ରେଜିଷ୍ଟର।


ଅଧିକାରୀଙ୍କ ପ୍ରକୋଷ୍ଠରେ ତାଲା ଝୁଲୁଛି।

- ହଇରାଣ ହେଉଛନ୍ତି ସାଧାରଣ ଲୋକେ
- ସରକାରୀ ନୀତି ନିୟମକୁ ଅବମାନନା

# ଗୃହିଣୀଙ୍କ ପାଇଁ ବଢ଼ିଲା ଚିନ୍ତା

ନୟାଗଡ଼ ଅଫିସ,୨।୩

## ରନ୍ଧନ ଗ୍ୟାସ୍ ଦରବୃଦ୍ଧି ହାଣ୍ଡିଶାଳକୁ କାଳ

ଜଙ୍ଗଲ ଓ ପରିବେଶର ସୁରକ୍ଷାକୁ ଆଖି ଆଗରେ ରଖି ସରକାର ରନ୍ଧନ ଗ୍ୟାସକୁ ଜାଳେଣୀ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ହେଲେ ବାରମ୍ବାର ଗ୍ୟାସ୍ ସିଲିଣ୍ଡର ଦର ବଢ଼ାଇ ଚାଲିଛନ୍ତି। ଏଥିପାଇଁ ଗୋଟିଏ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦର ଏବେ ୧୧ଶହ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଛି। ଗୃହିଣୀମାନେ ଏହାକୁ ବିରୋଧ କରୁଥିଲେ ହେଁ ସରକାରଙ୍କ ଉପରେ ଏହାର ପ୍ରଭାବ ପଡୁନି ବୋଲି ଅଭିଯୋଗ ଉଠିଲାଣି। ଏହି ପରିପ୍ରେକ୍ଷୀରେ କେତେଜଣ ଗୃହିଣୀଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।

### ପେଟକୁ ଲାତ

କରୋନା ପରବର୍ତ୍ତୀ ସମୟରେ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ବାରମ୍ବାର ବଢ଼ାଇ ସରକାର ସାଧାରଣ ଲୋକଙ୍କ ପେଟକୁ ଲାତ ମାରି ଚାଲିଛନ୍ତି। ସାଧାରଣ ଲୋକେ ଜାଳେଣୀ ପାଇଁ ଗ୍ୟାସ୍ ସିଲିଣ୍ଡର ପ୍ରତି ଅଭ୍ୟସ୍ତ ହୋଇପଡିଥିବା ବେଳେ ଏହାର ଫାଇଦା ସରକାର ନେଉଛନ୍ତି। ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ବେଳେ ବାରମ୍ବାର ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ବୃଦ୍ଧି ମୋ ପରି ମଧ୍ୟବିତ୍ତ ପରିବାର ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ସରକାର ଏ ଦିଗରେ ବିଚାର କରି ଗ୍ୟାସ୍ ସିଲିଣ୍ଡର ଦର ହ୍ରାସ କରାଇବା ଦରକାର।


**ଶାନ୍ତିଲତା ସାହୁ,** ନୟାଗଡ଼ ସହର।

### ମାଗଣା ଚାଉଳର କଷ୍ଟ

ସରକାର ମାଗଣା ଚାଉଳ ଦେଇ ଗ୍ୟାସ ଦର ବଢ଼ାଇ ଚାଲିଛନ୍ତି। ୧୧୦୦ ଟଙ୍କରୁ ଉର୍ଦ୍ଧ୍ୱ ଦେଇ ମାଗଣା ଚାଉଳର ଭାତ ଖାଇବା ମହଙ୍ଗା ପଡିଲାଣି। ମଧ୍ୟବିତ୍ତ ଓ ଗରୀବ ପରିବାର ବେଶୀ କଷ୍ଟ ପାଇଲେଣି। ସରକାର ଯେପରି ମାଗଣା ଚାଉଳକୁ ଗୁରୁତ୍ୱ ଦେଉଛନ୍ତି ସେପରି ଗ୍ୟାସର ଦରବୃଦ୍ଧିକୁ ରୋକିବା ଉପରେ ଗୁରୁତ୍ୱ ଦେବା ଦରକାର। ନଚେତ ବହୁ ପରିବାରରେ ଆଉ ଚୁଲି ଜଳିବନି।


**ଶୈଳେନ୍ଦ୍ରୀ ସାହୁ,** ବାହାଡାଝୋଲା, ନୂଆଗାଁ।

### କାଠକୁ ଜାଳେଣି ଭାବେ ବ୍ୟବହାର କରିବାକୁ ପଡିବ

ସରକାର ବାରମ୍ବାର ଗ୍ୟାସ୍ ସିଲିଣ୍ଡର ଦରବୃଦ୍ଧି କରି ଚାଲିଛନ୍ତି। ଏଣୁ ଗୃହିଣୀମାନେ ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ପୁଣି ପୁରୁଣା ପଦ୍ଧତି କାଠ ଚୂଲିକୁ ଫେରିବାକୁ ମନ ବଳେଇଲେଣି। ଗୋଟିଏ ଥରରେ ୫୦ ଟଙ୍କା ଦରବୃଦ୍ଧି ଲୋକଙ୍କୁ କେତେ ବାଧୁଛି ତାହା ଅନୁଭବି ହିଁ ଜାଣି ପାରିବ। ଗ୍ୟାସ ଦର ବୃଦ୍ଧିକୁ ଅନୁଧ୍ୟାନ କଲେ ସରକାର ଲୋକଙ୍କ ପ୍ରତି କେତେ ଆନ୍ତରିକତା ରହୁଛି ବୁଝା ପଡୁଛି। ସରକାର ତୁରନ୍ତ ଘରୋଇ ଓ ବ୍ୟବସାୟିକ ସିଲିଣ୍ଡର ଦର ହ୍ରାସ କରାଇବା ଦରକାର।


**ଲକ୍ଷ୍ମୀପ୍ରିୟା ବରାଡ,** ଲକ୍ଷ୍ମୀପ୍ରସାଦ, ନୟାଗଡ।

### ସାଧାରଣ ଲୋକଙ୍କୁ ବାଧିଲାଣି

ବ୍ୟବସାୟିକ ସିଲିଣ୍ଡର ପିଛା ୩୫୦ ଓ ଘରୋଇ ସିଲିଣ୍ଡର ପିଛା ସରକାର ୫୦ ଟଙ୍କା ଦରବୃଦ୍ଧି କରିବା ପରେ ସାଧାରଣ ଲୋକ ଚିନ୍ତିତ ହୋଇ ପଡିଛନ୍ତି। ଘରେ ହାଣ୍ଡିଶାଳକୁ ଚଡକ ପଡିଛି। ପୁଣି ବଜାରରେ ଏହା ଉପରେ ନିର୍ଭର କରୁଥିବା ବ୍ୟବସାୟୀଙ୍କ ପାଇଁ ଦରବୃଦ୍ଧି ଚିନ୍ତାର କାରଣ ପାଲଟିଛି। ପରିସ୍ଥିତି ଏଭଳି ହୋଇଛି ଯେ, ଲୋକଙ୍କ ଅଭିଯୋଗକୁ ଆଉ ସରକାର ଶୁଣୁ ନାହାନ୍ତି। ଏଣୁ ସାଧାରଣ ଲୋକେ ବ୍ୟୟବହୁଳ ଦୁନିଆରେ ନିଜ ପରିବାର ପ୍ରତିପୋଷଣ କରିବା କାଠିକର ପାଠ ହୋଇପଡିଛି। ସରକାର ଏ ଦିଗରେ ଚିନ୍ତା କରି ଦର ହ୍ରାସ କରିବା ଦରକାର।


**ସବିତା ଦାସ,** ଘୋଛାବାରୀ, ଖଣ୍ଡପଡା।

## ଆଜି କ'ଣ କେଉଁଠି

ବ୍ୟାସନଗର

- ଦୈନିକ ଓଡ଼ିଆ ସମ୍ବାଦପତ୍ର ମନ୍ଥନର ଚତୁର୍ଦ୍ଦଶ ସ୍ୱନକ୍ଷେତ୍ର ଦିବସ ଓ ସମ୍ବର୍ଦ୍ଧନା ସଭା। ସ୍ଥାନ- ବ୍ୟାସନଗର ଉତ୍ସବ ପ୍ୟାଲେସ୍। ସମୟ- ଅପରାହ୍ନ ୪ଟା।

# ପୁଣି ଭିଜିଲାନ୍ସର ଖୋଳତାଡ଼

**ତରଞ୍ଜିଆ ନୂଆ ପୋଖରୀ ଓ ଗଙ୍ଗାଧରପୁର ରାସ୍ତା କାର୍ଯ୍ୟରେ ଦୁର୍ନୀତି ମାମଲା**

ଧର୍ମଶାଳା,୨।୩(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ତରଞ୍ଜିଆ ପଞ୍ଚାୟତର ନୂଆ ପୋଖରୀ ନିର୍ମାଣ ଓ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମରେ ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ପୁଣି ଖୋଳତାଡ଼ ଆରମ୍ଭ କରିଛି ଭିଜିଲାନ୍ସ। ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶୀଲ ଏକ୍କା ଓ ଇନ୍ସପେକ୍ଟର ଅନସୂୟା ସେନାପତିଙ୍କ ନେତୃତ୍ୱରେ ଏକ ବୈଷୟିକ ଦଳ ଗୁରୁବାର ଆସି ଉଭୟ ସ୍ଥାନରେ ତଦନ୍ତ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଦମକଳ ବାହିନୀ ଡଙ୍ଗା ସାହାଯ୍ୟରେ ପୋଖରୀ ମାପ ଚୁପ କରିବା ସହିତ ଗଙ୍ଗାଧରପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ରାସ୍ତାକୁମଧ୍ୟ ମାପଚୁପ କରିଛନ୍ତି।

ସୂଚନାଯୋଗ୍ୟ, ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୨୦୧୯/୨୦ ଆର୍ଥିକ ବର୍ଷରେ ତରଞ୍ଜିଆ ପଞ୍ଚାୟତର ଖାତା ନଂ.୨୨୫, ପ୍ଲଟ ନଂ.୧୫୧୮ ପୋଖରୀ ପୁନରୁଦ୍ଧାର କରାଯାଇ ୨୪ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ କରାଯାଇଥିବା ଦର୍ଶାଯାଇଥିଲା। କିନ୍ତୁ ସେହି ଆର୍ଥିକ ବର୍ଷରେ ତରଞ୍ଜିଆ ପଞ୍ଚାୟତ ପକ୍ଷରୁ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରୁ ୩ ଲକ୍ଷ ୫୦ ହଜାର ବ୍ୟୟ ଅଟକଳ କରି ୩ ଲକ୍ଷ ୪୬ ହଜାର ୫୦୦ ଟଙ୍କା ବ୍ୟୟରେ ସମାନ ସ୍ଥାନରେ ପୋଖରୀ ପୁନରୁଦ୍ଧାର କରାଯାଇଥିବା ଦର୍ଶାଇ ସମସ୍ତ ଟଙ୍କା ହଡ଼ପ ହୋଇଥିବା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପାଇଁ ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଡାଇରେକ୍ଟର ଅଫ ଇନ୍‌କ୍ୱାରି ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲା। ତେବେ ଏହି ତଦନ୍ତରେ ଲୋକାୟୁକ୍ତ ଅସନ୍ତୋଷ ପ୍ରକଟ କରିଥିଲେ। ପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ଟିମ୍ ଏହି ମାମଲାର ତଦନ୍ତ କରି ବ୍ଲକର ତତ୍କାଳୀନ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱର ମହାନ୍ତି, ତତ୍କାଳୀନ ସରପଞ୍ଚ ସୁଶାନ୍ତ ସେଠୀଙ୍କ ବିରୋଧରେ ବିଭିନ୍ନ ସଙ୍ଗିନ ଦଫା ଲଗାଇ ଏକ ମାମଲା ରୁଜୁ କରିଛି। ସେହିପରି ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘରଠାରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦-୨୧ ଆର୍ଥିକ ବର୍ଷରେ ସାମିଲ କରାଯାଇଥିଲା। ୫୦୦ ମିଟର ରାସ୍ତା ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏହି ରାସ୍ତା ନିର୍ମାଣରେ ୨ ଲକ୍ଷ ୯୪ ହଜାର ୩୩୬ ଟଙ୍କା ବିଲ୍ କରାଯାଇଥିବାବେଳେ ବାସ୍ତବ କ୍ଷେତ୍ରରେ ମାତ୍ର ୨୩୯.୬୩ କ୍ୟୁବିକ ମାଟି ପକାଯାଇ ୪୧ ହଜାର ୭୨୨ ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛଳ ବର୍ଗ ବ୍ୟକ୍ତିଙ୍କ ନାମରେ ଜବ୍ କାର୍ଡ ଜରିଆରେ ୨ ଲକ୍ଷ ୫୨ ହଜାର ୬୧୪ ଟଙ୍କା ହଡ଼ପ କରାଯାଇଥିବା ତଦନ୍ତ ପରେ ଧରା ପଡ଼ିଥିଲା। ଭିଜିଲାନ୍ସ ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଗଙ୍ଗାଧରପୁର ପଞ୍ଚାୟତ ତତ୍କାଳୀନ ସରପଞ୍ଚ ରୀନା ମଲ୍ଲିକ, ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତି ଗଡ଼ନାୟକ, ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ମଳ ଚନ୍ଦ୍ର ପଣ୍ଡା ଓ ଗ୍ରାମ ରୋଜଗାର ସେବକ ଚିନ୍ମୟୀ କରଙ୍କ ନାମରେ ମଧ୍ୟ ଫୌଜଦାରି ମାମଲା ରୁଜୁ କରିଛି। ଏହି ଦୁଇଟି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ନେଇ ଅଧିକାରୀମାନେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କିଛିଦିନ ତଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ଟିମ୍ ଉଭୟ ସ୍ଥାନକୁ ଆସି ତଦନ୍ତ କରିଥିଲା।


ତଦନ୍ତ କରିବାକୁ ଆସିଥିବା ଭିଜିଲାନ୍ସ ଟିମ୍

# ହାତପାଆନ୍ତାରେ ସେବା ଜନଶୁଣାଣିର ଲକ୍ଷ୍ୟ: ଜିଲାପାଳ

**ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସର ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିରୀକୃତ**

ଯାଜପୁର ଟାଉନ,୨।୩(ଡି.ଏନ.ଏ.): ପ୍ରଶାସନକୁ ଲୋକାଭିମୁଖୀ କରିବା ଏବଂ ଜନସାଧାରଣଙ୍କୁ ହାତ ପାଆନ୍ତାରେ ସେବା ଯୋଗାଇବା ଜନଶୁଣାଣି ଶିବିରର ମୂଳ ଲକ୍ଷ୍ୟ ବୋଲି ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ପ୍ରକାଶ କରିଛନ୍ତି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମାର୍ଚ୍ଚ ମାସର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥିରୀକୃତ ଅବସରରେ ଜିଲାପାଳ ଏକଥା କହିଛନ୍ତି।

ସ୍ଥିରୀକୃତ ତାଲିକା ମୁତାବକ, ମାର୍ଚ୍ଚ ୬ତାରିଖ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହ, ୧୩ ତାରିଖ ସୋମବାର ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ, ୨୦ ତାରିଖ ସୋମବାର ବିଞ୍ଝାରପୁର ବ୍ଲକ୍ କାର୍ଯ୍ୟାଳୟ ଏବଂ ୨୭ ତାରିଖ ସୋମବାର ବରୀ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସମସ୍ତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ଚାଲିବ। ଶିବିରଗୁଡ଼ିକରେ ଜିଲାର ବରିଷ୍ଠ ପଦାଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ ଏବଂ ସମ୍ପୃକ୍ତ ବ୍ଲକ୍ ବିଡିଓ ଏବଂ ତହସିଲଦାରମାନେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡିକର ତ୍ୱରିତ୍ ସମାଧାନ ଶୁଣାଣିରେ ଜିଲାପାଳଙ୍କୁ ସହଯୋଗ ପ୍ରଦାନ କରିବେ। ଏଣୁ ସମ୍ପୃକ୍ତ ବ୍ଲକ୍‌ର ଜନସାଧାରଣ ନିଜର ଆପତି ଅଭିଯୋଗ ଥିଲେ ସେମାନେ ନିଜ ନିଜର ବ୍ଲକ୍‌ରେ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହି ଅଭିଯୋଗ ଗୁଡିକୁ ସମାଧାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଓଡ଼ିଆ ବିଭାଗର ଆଲୋଚନାଚକ୍ର

ବାଲିଚନ୍ଦ୍ରପୁର,୨।୩(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧାପିକା ମିନତି ମଞ୍ଜରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆଲୋଚନାଚକ୍ର ପରିଚାଳିତ ହୋଇଥିଲା। ଓଡ଼ିଆ ବିଭାଗ ଅଧାପିକା ଆଦ୍ୟାମୌସୁମୀ ମହାନ୍ତି ଓ ଅଧାପକ ଦୀପୁନ ପୁହାଣ ବିଷୟଭିତ୍ତିକ ସାରଗର୍ଭକ ଆଲୋଚନା କରି ବହୁ ଉପାଦେୟ ତଥ୍ୟ ଓ ତତ୍ତ୍ୱମାନ ପ୍ରଦାନ କରିଥିଲେ। 'ସମନ୍ୱୟ ଚେତନାର ପ୍ରମୂର୍ତ୍ତ ପ୍ରତୀକ ଶ୍ରୀଜଗନ୍ନାଥ' ଶ୍ରୀର୍ଷକ ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ସ୍ୱରୂପ ଅନୁଭବ ଓ ଉପଲବ୍ଧି ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରାଯାଇଥିଲା। ଯୁକ୍ତ ୩ ଛାତ୍ରୀଛାତ୍ର ଗୌତମ ସାମଲ, ଭାଗ୍ୟଶ୍ରୀ ସାମଲ, ତନୁଶ୍ରୀ ବେହେରା, ସଂଘମିତ୍ରା ସାହୁ ଓ ଚମକି ବେହେରା ପ୍ରମୁଖ ଯୋଗଦେଇ ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ଅଧାପିକା ପଦ୍ମାବତୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବର୍ଷାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ଗଡ଼ମଧୁପୁର ମା'ମଙ୍ଗଳା ଯଜ୍ଞ ଉଦ୍‌ଯାପିତ

ଚଢ଼େଇଧରା,୨।୩(ଡି.ଏନ୍.ଏ.):ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମଧୁପୁରଗଡ଼ସ୍ଥିତ ମା' ମଙ୍ଗଳାଙ୍କ ଯଜ୍ଞ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଭାବଦେଇ ପୋଖରୀରୁ କଳସ ବୁଡାଯାଇ ଗ୍ରାମ ପରିଭ୍ରମଣ କରାଯାଇଥିଲା। ଘଟସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା ଆଦି ଷୋଡ଼ଶ ଉପଚାର କର୍ମ ସମପନ ପରେ ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ଏହି ଉପଲକ୍ଷେ ଯାତ୍ରାସ୍ଥଳକୁ ନାନା ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ୫ ଦିନ ବ୍ୟାପୀ ଭଜନକୀର୍ତ୍ତନ ଓ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା। ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶେଷ ଦିନରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର କୁମାର ସେଠୀ ଏବଂ ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣି ପ୍ରମୁଖ ଯୋଗଦେଇ ମା'ଙ୍କ ଆଶିଷ ଲାଭ କରିଥିଲେ। ଯଜ୍ଞ ସମୟରେ ଗ୍ରାମବାସୀ ଆମିଷ ନିଷେଧ କରିବା ସହିତ ସନ୍ଧ୍ୟା ପୂର୍ବରୁ ରୋଷେଇ କାର୍ଯ୍ୟ ସମାପନ କରିଥିଲେ।

# ଯାଜପୁର ପୌର ପରିଷଦର ୧୩୫ ଜଣଙ୍କୁ ମିଳିଲା ସାଇକେଲ

**ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାଇକେଲ ବଣ୍ଟନ**

ଯାଜପୁର ଟାଉନ,୨।୩(ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନ ୧୧୫ ପୌର ସଂସ୍ଥାରେ ବିଭିନ୍ନ ଯୋଜନାରେ କାର୍ଯ୍ୟରତ ମହିଳା ହିତାଧିକାରୀଙ୍କ ନିମନ୍ତେ ସାଇକେଲ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମା'ମାନେ ଆହୁରି ଭଲ କାମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଯାଜପୁର ପୌର ପରିଷଦ ଅଧୀନ ହିତାଧିକାରୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଆଭାସିର ସିଧାପ୍ରସାରଣ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ମୁଖ୍ୟଅତିଥି, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ଯାଜପୁର ପୌର ପରିଷଦ ଅଧୀନ ୧୩୫ ଜଳସାଥୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ଆହାରକର୍ମୀ ଏବଂ ସୁପରଭାଇଜରଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ପୌରାଞ୍ଚଳ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ମିଶନ ଶକ୍ତିର ମହିଳା ଓ ମା'ମାନଙ୍କୁ ସାଇକେଲ ସହାୟକ ହେବାସହ ସେମାନଙ୍କ ପରିବାର ପରିଚାଳନାରେ ସମୟକୁ ସଦୁପଯୋଗ କରିପାରିବେ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସେହିପରି ଭୁବନେଶ୍ୱର ଲୋକସେବା ଭବନଠାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଓ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଯୋଗ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥୀ ଭାଥାନାମ ସ୍ୱାଗତ ଭାଷଣ ଏବଂ ଭୁବନେଶ୍ୱର ମହାନଗର ନିଗମ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ।



ଜଣେ ମହିଳା ହିତାଧିକାରୀଙ୍କୁ ସାଇକେଲ୍ ପ୍ରଦାନ କରାଯାଉଛି।

# ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମେଳଣ ପ୍ରସ୍ତୁତି

ଧର୍ମଶାଳା,୨।୩(ଡି.ଏନ.ଏ.): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମେଳଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଗତ ୨ ବର୍ଷ ଧରି କରୋନା କଟକଣା ଯୋଗୁ କେବଳ ବିଧିରକ୍ଷା କରିବାକୁ ଥାନପତି ଓ ସ୍ଥାନୀୟ ଅଞ୍ଚଳର ୨-୩ଟି ବିମାନକୁ ନିମନ୍ତ୍ରଣ କରାଯାଇ ମେଳଣ ଅନୁଷ୍ଠିତ ହୋଇଥିଲା। ମାତ୍ର ଚଳିତ ବର୍ଷ ମେଳଣ ଉତ୍ସବ ଧୁମଧାମରେ ପାଳନ ପାଇଁ ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ହେଉଛି। ଆସନ୍ତା ୪ ତାରିଖ ସନ୍ଧ୍ୟାରେ ଶ୍ରୀଶ୍ରୀ ବାଳଗୋପାଳଜୀଉ ମେଳଣ ଉତ୍ସବ ଥାନୁଆଳ ପଞ୍ଚାୟତର ଯୋଗଡ଼ାଠାରେ ଅନୁଷ୍ଠିତ ହୋଇ ୫ ତାରିଖ ଅପରାହ୍ନରେ ଉଦ୍‌ଯାପିତ ହେବ। ସେହିପରି ୮ ତାରିଖ ସନ୍ଧ୍ୟାରେ ସୁନ୍ଦୁରିଆ ନେଉଳପୁର-ନାକପୋଲ ମେଳଣ ଅନୁଷ୍ଠିତ ହୋଇ ୯ ତାରିଖରେ ଉଦ୍‌ଯାପିତ ହେବ। ୯ ତାରିଖ ସନ୍ଧ୍ୟାରେ କାଏମା ଓ ମାଳହାଟଠାରେ ମେଳଣ ଅନୁଷ୍ଠିତ ହେବ। ୧୦ ତାରିଖରେ ଧର୍ମଶାଳା ମେଳଣ ଅନୁଷ୍ଠିତ ହୋଇ ୧୧ ତାରିଖରେ ଉଦ୍‌ଯାପିତ ହେବ। ୧୧ ତାରିଖ ସନ୍ଧ୍ୟାରେ ଆରୁହା, ୧୨ ତାରିଖ ସନ୍ଧ୍ୟାରେ ଜାରକା କଲଣ ଓ ୧୭ ତାରିଖରେ ଭୁବନ ମେଳଣ ଅନୁଷ୍ଠିତ ହେବ ବୋଲି ମେଳଣ କମିଟିଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି।

# ମୂଳନିବାସୀ ଗଣସଙ୍ଗଠନର ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି ଓ ଗଣସଙ୍ଗଠନର କର୍ମକର୍ତ୍ତା।

ଜେନାପୁର,୨।୩(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅଧୀନ ପଞ୍ଚମ ଧର୍ମଶାଳାର ମୂଳନିବାସୀ ଗଣସଙ୍ଗଠନ ପ୍ରତିଷ୍ଠା ଦିବସ ଚଢ଼େଇଧରାସ୍ଥିତ ସ୍ୱାମୀ ମୌନାନନ୍ଦ ଆଶ୍ରମରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ସାମ୍ବିଧାନିକ ଅଧିକାର ଓ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସୂଚନା ଅଧିକାର ଆଇନର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ଆବାହକ ବେଣୁଧର ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଯୋଗଦେଇ ସାମାଜିକ ନ୍ୟାୟ ଓ ସାମ୍ବିଧାନିକ ଅଧିକାର ପାଇଁ ସୂଚନା ଅଧିକାର ଆଇନ ଏକ ବଡ଼ ଅସ୍ତ୍ର ବୋଲି କହିଥିଲେ। ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ମଲ୍ଲିକ, ସାମାଜିକ କର୍ମୀ ଦେବବ୍ରତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଖବରଦାତା ଶଙ୍କର ପ୍ରତାପ ଦାଶ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିରାଶ୍ରୟ ମହିଳାଙ୍କ ମୃତ୍ୟୁ, ସ୍ୱେଚ୍ଛାସେବୀ କଲେ ସତ୍କାର

କାଳିଆପାଣି,୨।୩(ଡି.ଏନ୍.ଏ.): କାଳିଆପାଣି ଥାନା ଅନ୍ତର୍ଗତ ମାଙ୍କେଡ଼ିଆ ବସ୍ତି ହାଣ୍ଡିଆ ପଡ଼ାରେ ଜଣେ ନିରାଶ୍ରୟ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ରାଁସୋଳ ପଞ୍ଚାୟତର ମାଙ୍କେଡ଼ିଆ ବସ୍ତିରେ ରହୁଥିଲେ। ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ବିଭିନ୍ନ ଲୋକଙ୍କ ଘରେ କାମ କରି ଚଳୁଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ସକାଳେ ସ୍ୱେଚ୍ଛାସେବୀ ବାବୁଲି ବାରିକ, ମନୋଜ ମହାନ୍ତଙ୍କ ସହ ଗାଁର ଯୁବକମାନେ ଏହାଦେଖି ପୋଲିସକୁ ଖବର ଦେବା ସହ ମୃତଦେହ ସତ୍କାର କରିଥିଲେ। ମହିଳା ଜଣଙ୍କ ଦୁରାରୋଗରେ ପୀଡ଼ିତ ଥିବା ସୂଚନା ମିଳିଛି। ତାଙ୍କ ପରିଚୟ ମିଳି ପାରିନାହିଁ।

# ହନୁମାନଙ୍କ ନୂତନ ମନ୍ଦିର,ବିଗ୍ରହ ପ୍ରତିଷ୍ଠା ଉତ୍ସବ

କୋରେଇ,୨।୩(ଡି.ଏନ.ଏ.): କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ରାଧାନଗର ପାଟଣା ଗ୍ରାମଠାରେ ଶ୍ରୀ ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦଘାଟନୀ ଉତ୍ସବରେ ଶୁଭାଧିବାସ, ଅଙ୍କୁରାରୋପଣ, କୁଣ୍ଡ ମଣ୍ଡଳ ଆଦି ପ୍ରସ୍ତୁତି ସହ ଗୁରୁବାର ସକାଳ ୯ଟାରେ ଘଟ ଉତ୍ତୋଳନ, ୧୦୮ କଳସ ଶୋଭାଯାତ୍ରା, ଶାଳା ପ୍ରବେଶ, ସୂର୍ଯ୍ୟ ପୂଜା, ଗୋ ପୂଜା ଓ ଯଜ୍ଞ ସଂସ୍କାର କାର୍ଯ୍ୟକ୍ରମ କରାଯାଇଛି। ଏହାସହ ଲକ୍ଷ୍ମୀଧର ପାଢ଼ୀ, ନିରଞ୍ଜନ ପଣ୍ଡା, ବିଷ୍ଣୁ ଚରଣ ଉପାଧାୟ, ସୁଧାଂଶୁ ଶେଖର ପଣ୍ଡା, ଗିରିଜା ଶଙ୍କର ପାଢ଼ୀ, ନିରଞ୍ଜନ ପାଢ଼ୀ ଓ ରାମଚନ୍ଦ୍ର ପାଣିଗ୍ରାହୀ, ରାମଚନ୍ଦ୍ର ପାଢ଼ୀ ପ୍ରମୁଖଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଥିରେ ଅନୁଷ୍ଠାନ ତରଫରୁ ପୁରୁଷୋତ୍ତମ ସାହୁ ଓ ବିମୁଖ ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଶିଶିର କୁମାର ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ଶାନ୍ତନୁ ପୃଷ୍ଟି, ଅରୁଣ କୁମାର ସାହୁ, ମନୋଜ କୁମାର ସାହୁ, ସୌମ୍ୟଜିତ ସାହୁ, ମୃତ୍ୟୁଞ୍ଜୟ ସାହୁ, ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ସାହୁ, ହୃଷିକେଶ ସାହୁଙ୍କ ସହ ୧୦୮ ଜଣ କଳସଧାରୀ ଗ୍ରାମ ପୁଷ୍କରିଣୀରୁ ଘଟ ଉତ୍ତୋଳନ କରି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ସଂକୀର୍ତ୍ତନ ଦଳ, ଘଣ୍ଟୁଆ, ଶଙ୍ଖୁଆ ଓ ମହୁରୀ ବାଦ୍ୟ ସହ ଗ୍ରାମର ଆବାଳ ବୃଦ୍ଧବନିତା ସହଯୋଗ କରିଥିଲେ । ଗ୍ରାମ ଆରମ୍ଭରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଝୋଟି ଚିତା ପଡ଼ିଥିଲା । ଘର ଦୁଆର ମୁହଁରେ କଦଳୀ ଗଛ ଓ ସହ କଳସ ରଖି ମହିଳାମାନେ ବନ୍ଦାପନା କରିଥିଲେ ।


ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ବାହାରିଥିବା କଳସ ଶୋଭାଯାତ୍ରା।

# ଠିକାଦାରଙ୍କ ସ୍ୱାର୍ଥରେ ଏମ୍‌ଆଇପି ଯୋଜନା

- ଆଇଚିପୁର ଚେକ୍‌ଡ୍ୟାମ୍‌ରେ ଅର୍ଥ ହରିଲୁଟ ମସୁଧା
- ୪୦ ପ୍ରତିଶତ କାମ କରି ୨୭ଲକ୍ଷ ଟଙ୍କାର ଅଗ୍ରୀମ ବିଲ

ଯାଜପୁର ଅଫିସ/କୋରେଇ (ଡି.ଏନ.ଏ.),୨।୩: ସରକାର ରାଜ୍ୟବ୍ୟାପୀ ଶତପ୍ରତିଶତ ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାରେ ପ୍ରକଳ୍ପଗୁଡିକରେ ଅଧିକରୁ ଅଧିକ ସେଚ ସାମର୍ଥ୍ୟ ବୃଦ୍ଧି କରିବା, କେନାଲର ରକ୍ଷଣାବେକ୍ଷଣ, ଫସଲ ଖସଡା ପ୍ରସ୍ତୁତି, ସୁଷମ ଜଳ ଆବଣ୍ଟନ ସକାଶେ ପାଣି ପଞ୍ଚାୟତ ସଂଖ୍ୟା ତଥା ଦକ୍ଷତା ବୃଦ୍ଧି କରାଯାଉଥିବା କୁହାଯାଉଛି । ପ୍ରତିବର୍ଷ ଅଧିକରୁ ଅଧିକ କ୍ଷେତ୍ର ସେଚନାଳୀ ନିର୍ମାଣ, ଓଡ଼ିଶା ଗୋଷ୍ଠୀ ଜଳାଶୟ ମରାମତି, ପରିଚାଳନା ପୁନରୁଦ୍ଧାର ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ଯାଜପୁର ଜିଲାରେ ଏହିସବୁ କାର୍ଯ୍ୟକ୍ରମ ବିଫଳ ହେଉଥିବା ଦୃଷ୍ଟିଗୋଚର ହେଉଛି। କ୍ଷୁଦ୍ର ଜଳସେଚନ ବିଭାଗର ହରିଲୁଟ ମନୋଭାବ ଏବଂ ଠିକାଦାର ପ୍ରୀତି କାରଣରୁ ଜଳସେଚନର ବାସ୍ତବ ଲକ୍ଷ୍ୟପୂରଣ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି।

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ଆଇଚିପୁର ଗ୍ରାମର ଚେକ୍‌ଡ୍ୟାମ ନିର୍ମାଣ କାର୍ଯ୍ୟରେ ଏହାର ଏକ ଦୃଷ୍ଟାନ୍ତ ଉଦାହରଣ ଦେଖିବାକୁ ମିଳିଛି । ଜଳସେଚନର ଲକ୍ଷ୍ୟ ପୂରଣ କରିବା ପରିବର୍ତ୍ତେ ଏହି ପ୍ରକଳ୍ପ ପାଇଁ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ମିଳିମିଶି ହଡପ କରିବାକୁ ଯୋଜନା କରୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ୨୦୨୨-୨୩ ବର୍ଷରେ ଆଇଚିପୁର ଗ୍ରାମରେ ପ୍ରାୟ ୩୫ ହେକ୍ଟର ଚାଷ ଜମିକୁ ଜଳସେଚନ ଉଦ୍ଦେଶ୍ୟରେ ୬୬ ଲକ୍ଷ ୯୫ ହଜାର ଟଙ୍କାର ଆର୍ଥିକ ଅନୁଦାନ ବରାଦ କରାଯାଇଛି। ଠିକାଦାର ସତ୍ୟବ୍ରତ ମହାନ୍ତିଙ୍କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଚାଷୀଙ୍କ ସ୍ୱାର୍ଥରେ ନିର୍ମାଣ ହେଉଥିବା ଏହି କାର୍ଯ୍ୟକୁ ଠିକାଦାର ଆଗେଇ ନେଉଥିବା ବେଳେ ସ୍ଥାନୀୟ ଚାଷୀଙ୍କ ସହିତ କୌଣସି ଆଲୋଚନା କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଏମ୍‌ଆଇପି ପ୍ରକଳ୍ପରେ ବ୍ୟବହାର ହେଉଥିବା ରଡ଼ ସିମେଣ୍ଟ ଓ ଚିପ୍ସ ଅତ୍ୟନ୍ତ ନିମ୍ନମାନର ଏବଂ ମୋଟେଇ ଓ ଚଉଡା ଏଷ୍ଟିମେଟ ଅନୁଯାୟୀ ନିର୍ମାଣ ହେଉ ନାହିଁ ବୋଲି ଅଭିଯୋଗ ହୋଇଛି । ଏହାସହ ଅନାମଧେୟ କମ୍ପାନୀର ସିମେଣ୍ଟ ବ୍ୟବହାର କରି କାମ ଚାଲୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଚାଷୀଙ୍କ କାମରେ ଲାଗିବା ପୂର୍ବରୁ ଏହି ପ୍ରକଳ୍ପ ଭୁଶୁଡ଼ିଯିବା ନେଇ ସନ୍ଦେହ ଘନୀଭୂତ ହୋଇଛି । ନିର୍ମାଣ ସ୍ଥାନରେ କୌଣସି ସୂଚନା ଫଳକ ଲାଗି ନ ଥିବା କାରଣରୁ ସାଧାରଣ ଲୋକ ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ପାଇବାରୁ ବଞ୍ଚିତ ରହୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି ମାତ୍ର ୪୦ ପ୍ରତିଶତ ଯେନତେନ ପ୍ରକାରେ କାମ କରି ଠିକାଦାର ପ୍ରାୟ ୨୭ ଲକ୍ଷ ଟଙ୍କାର ଅର୍ଦ୍ଧଭାଗ ବିଲ କରିନେଇଥିବା ଆରଟିଆଇରେ ମିଳିଥିବା ତଥ୍ୟରୁ ଜଣାପଡିଛି । ଜିଲାର ଜଣେ ପ୍ରଭାବଶାଳୀ ନେତାଙ୍କୁ ହାତ କରି ଠିକାଦାର ନିଜର ମନମୁଖୀ କାର୍ଯ୍ୟ ଚଳାଇଥିବା କୁହାଯାଉଛି । ମୋଟା ଅଙ୍କର ମୁନାଫା ନେଇ କେତେଜଣ ଦୁର୍ନୀତିଖୋର ବିଭାଗୀୟ ଅଧିକାରୀ ଠିକାଦାରଙ୍କ ସ୍ୱାର୍ଥରେ ଆଗୁଆ ବିଲ କରୁଥିବା ଚର୍ଚ୍ଚା ହେଉଛି। ଏହି କାରବାର ବିଭାଗର ତଳୁ ଉପର ଯାଏଁ ଲମ୍ବିଥିବା ଯୋଗୁ ଠିକାଦାରଙ୍କ ପ୍ରଶାସନ ପ୍ରତି ଡ଼ର ଭୟ ରହୁନାହିଁ । ଫଳରେ କାମ ଯେତେ ନିମ୍ନମାନର ହେଉଥିବା ଅଭିଯୋଗ ହେଲେ ମଧ୍ୟ ଠିକାଦାରଙ୍କ ବିଲ ହେବାରେ କୌଣସି ଅସୁବିଧା ହେଉନାହିଁ।

କୋରେଇ ବ୍ଲକ ଅଧୀନରେ ଏକାଧିକ ଚେକ୍‌ଡ୍ୟାମ ପ୍ରକଳ୍ପ ଅଧାପନ୍ତରିଆ ରହିଥିବା ବେଳେ କେତେକ ପ୍ରକଳ୍ପ ଭୁଶୁଡ଼ି ପଡିଛି । ବିଭାଗୀୟ ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇ ଚୁପ ରହୁଛନ୍ତି। କେତେକ ସ୍ଥାନରେ ଜିଲା ପ୍ରଶାସନ ସାମାନ୍ୟ କାର୍ଯ୍ୟାନୁଷ୍ଠାନ ନେଇ ଠିକାଦାରଙ୍କୁ ସୁରକ୍ଷା ଦେଉଥିବା ନଜିର ରହିଛି । କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଦୁର୍ନୀତିଖୋର ଠିକାଦାରଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ଏ ସଂକ୍ରାନ୍ତରେ କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜନ ଦଳେଇଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟରେ କୌଣସି ଦୁର୍ନୀତି କିମ୍ବା ପ୍ରିୟାପ୍ରୀତି ହେଉନାହିଁ, କାମ ୭୦ ପ୍ରତିଶତ ହୋଇଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଯାଜପୁର ଏମ୍‌ଆଇପି ବିଭାଗରେ ପୂର୍ବରୁ ଓ ଏବେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅଧିକାରୀମାନଙ୍କ ଆୟବର୍ହିଭୁତ ସମ୍ପତ୍ତି ତାଲିକା ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ବାସ୍ତବ ସତ୍ୟ ପଦାକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।


ନିର୍ମାଣାଧୀନ ଆଇଚିପୁର ଚେକ୍‌ଡ୍ୟାମ।

## ସଂକ୍ଷେପରେ

### ମନ୍ଦିରରେ ସେବାୟତଙ୍କ ହୃଦ୍‌ଘାତରେ ମୃତ୍ୟୁ

କେନ୍ଦ୍ରାପଡ଼ା ଅଫିସ, ୨।୩: କେନ୍ଦ୍ରାପଡ଼ା ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରରେ ସୁଦର୍ଶନ ବାଡ ସେବାୟତ



ସହରର ଖଡିଅଙ୍ଗ ଗାଁର ପଦ୍ମଲୋଚନ ପଣ୍ଡାଙ୍କ ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ଉପୁଜିଛି। ସ୍ୱର୍ଗତ ପଣ୍ଡା ସେବାୟତ ସହ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଔଷଧ ହୋଲସେଲିଂ ବ୍ୟବସାୟୀ କରୁଥିଲେ। ମଧ୍ୟାହ୍ନରେ ମନ୍ଦିରକୁ ଯାଇ ଶ୍ରୀଉଙ୍କ ଦର୍ଶନ ସମୟରେ ଅସହଜ ମନେ ହେବାରୁ ପରିସର ମଧ୍ୟରେ ଥିବା ଝୁଲଣ ମଣ୍ଡପରେ ବସିଥିଲେ। କିଛି ସମୟ ମଧ୍ୟରେ ଟଳି ପଡ଼ିବାରୁ ସେବାୟତମାନେ ତାଙ୍କୁ ନିକଟରେ ଥିବା ସାମଗୁଡିଆ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଯୁବନେତା ରାଜେଶ ପଣ୍ଡା, ଟ୍ରଷ୍ଟବୋର୍ଡ କର୍ମକର୍ତ୍ତାମାନେ ଓ ସହରବାସୀ ଶବାଧାରରେ ଯୋଗ ଦେଇଥିଲେ। କଂଗ୍ରେସ ନେତା ଗଣେଶ୍ୱର ବେହେରା, ଭାଜପା ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଭାଜପା ନେତା ଭୁବନମୋହନ ଜେନା, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଶୋକବାର୍ତ୍ତା ଦେଇଛନ୍ତି। ସହରର ୧୧ ନଂ. ୱାର୍ଡ ପୂର୍ବତନ କାଉନସିଲର ତଥା ଭାଇ ହିରଣ୍ୟ କୁମାର ପଣ୍ଡା ଓ ପରିବାର ବର୍ଗ ନିକଟସ୍ଥ ହଜାରୀ ବଗିଚାରେ ପଦ୍ମଲୋଚନଙ୍କ ମୃତଦେହ ସଂସ୍କାର କରିଥିଲେ।

# ବୀମା ଟଙ୍କା ଫେରିପାଇବାକୁ ଦମ୍ପତିଙ୍କ ଧାରଣା

ଡେରାବିଶ, ୨।୩ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଛତାସ୍ଥିତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ସହବନ୍ଧିତ ମେଟ୍ ଲାଇଫ୍ ଇନ୍ସୁ୍ୟରାନ୍ସରୁ ନିଜର ବୀମା ରାଶି ଫେରିବାକୁ ଦୀର୍ଘ ୫ ବର୍ଷ ହେବ ଦୌଡି ଦୌଡି ନୟାନ୍ତ ହେବା ପରେ ବୁଧବାରଠାରୁ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ଦମ୍ପତି ଧାରଣାରେ ବସିଛନ୍ତି। ଧାରଣରେ ବସିଥିବା ଦମ୍ପତି ଦ୍ୱୟ ହେଲେ ବ୍ଲକ ଲକ୍ଷ୍ମୀନାରାୟଣପୁର ଗାଁର ପୂର୍ଣ୍ଣାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ।

ସୂଚନାଯୋଗ୍ୟ, ପୂର୍ଣ୍ଣାନନ୍ଦ ସାହୁଙ୍କଠାରୁ ୭ ବର୍ଷ ପୂର୍ବେ ଭୁଲ ତଥ୍ୟ ଦେଇ ଛତାସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଏହାସହ ଅନୁବନ୍ଧିତ ଥିବା ମେଟ ଲାଇଫ ଇନ୍ସୁ୍ୟରାନ୍ସ କମ୍ପାନୀର ଏଜେଣ୍ଟ ୫୦ ହଜାର ଟଙ୍କାର ବୀମା କରାଇ ନେଇଥିଲେ। ହେଲେ ଏବେ ଏହି ବୀମା ବାବଦ ଜମା କରାଯାଇଥିବା ୫୦ ହଜାର ଟଙ୍କା ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ନିଜର କଷ୍ଟ ଅର୍ଜିତ ଅର୍ଥ ପାଇବାକୁ ବହୁବାର ବ୍ୟାଙ୍କ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ପାଖକୁ ଦୌଡି ଦୌଡି ନିରାଶ ହେବା ପରେ ଶେଷରେ ଅସହାୟ ପୂର୍ଣ୍ଣାନନ୍ଦ ଓ ତାଙ୍କ ସ୍ତ୍ରୀ ବ୍ୟାଙ୍କ ସମ୍ମୁଖରେ ବୁଧବାରଠାରୁ ଧାରଣାରେ ବସିଥିବା କହିଛନ୍ତି। ପୂର୍ଣ୍ଣାନନ୍ଦ ଛତାସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ୫୦ ହଜାର ଟଙ୍କା ସଞ୍ଚୟ କରିଥିଲେ। ୨୦୧୬ରେ ଉକ୍ତ ବ୍ୟାଙ୍କ ସହ ଅନୁବନ୍ଧିତ ରହିଥିବା ପିଏନ୍‌ବି ମେଟ ଲାଇଫ ଇନ୍ସୁ୍ୟରାନ୍ସର ତତ୍କାଳୀନ ଏଜେଣ୍ଟ ପୂର୍ଣ୍ଣାନନ୍ଦଙ୍କୁ ଭୁଲ ତଥ୍ୟ ଦେଇ ତାଙ୍କ ବ୍ୟାଙ୍କ ଜମାଖାତାରେ ସଞ୍ଚିତ ଥିବା ୫୦ ହଜାର ଟଙ୍କା ଉଠାଇ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜରଙ୍କ ସାମନାରେ ବୀମା କରିଥିଲେ। ତତ୍କାଳୀନ କମ୍ପାନୀ ଏଜେଣ୍ଟ ଜଣକ କାଳେ ଏହି ଟଙ୍କାକୁ ବୀମାରେ ୩ବର୍ଷ ପାଇଁ ରଖିଥିଲେ। ଏଜେଣ୍ଟ ଜଣକ ପ୍ରତିଦିନ ବ୍ୟାଙ୍କରେ ରହୁଥିବା ଓ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟ କରୁଥିବା ହେତୁ ବ୍ୟାଙ୍କ କର୍ମଚାରୀ ଭାବି ବିଶ୍ୱାସର ସହ ଅପାଠୁଆ ଓ ଟିପ ଦେଇ ଉକ୍ତ ବ୍ୟାଙ୍କରେ ଟଙ୍କା କାରବାର କରୁଥିବା ପୂର୍ଣ୍ଣାନନ୍ଦ ଶେଷରେ ଏଜେଣ୍ଟଙ୍କ କଥାରେ ପଡି ଯାଇଥିଲା। ୩ବର୍ଷ ପୂରଣ ପରେ ସେ ନିଜ ବୀମା ଟଙ୍କା ଉଠାଇବାକୁ ବହୁବାର ଦୌଡା ଦୌଡି କରିଥିଲେ ମଧ୍ୟ ତାଙ୍କୁ କାଳେ ବିଭିନ୍ନ ଆଳ ଦେଖାଇ ଭଣ୍ଡାଇ ଦିଆଯାଉଥିଲା। ହେଲେ ବୀମା



ବ୍ୟାଙ୍କ ସମ୍ମୁଖରେ ପୂର୍ଣ୍ଣଚନ୍ଦ ଓ ତାଙ୍କ ସ୍ତ୍ରୀ ଧାରଣା ଦେଇଥିବା

କରିବାର ୫ ବର୍ଷ ପରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପୁଣି ୨ କିସ୍ତି ବାବଦ ୫୦ ହଜାର ଟଙ୍କା ଜମା କରିବାକୁ ଫୋନ୍‌କୁ ମେସେଜ ଆସିଥିଲା। ଅପାଠୁଆ ପୂର୍ଣ୍ଣାନନ୍ଦ ଏ ବାବଦରେ ଜାଣିବା ପରେ ହତାସ ହୋଇ ପଡିଥିଲେ। ନିଜ ପରିବାର ପ୍ରତିପୋଷଣ ପାଇଁ ଅସମର୍ଥ ଥିବା ପୂର୍ଣ୍ଣାନନ୍ଦ ପୁନର୍ବାର ୫୦ ହଜାର ଟଙ୍କା କେଉଁଠାରୁ ଆଣିବେ ଓ କିପରି ଭରଣା କରିବେ ସେ ବାବଦରେ ଚିନ୍ତିତ ହୋଇପଡିଥିଲେ। ଇତି ମଧ୍ୟର ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଓ ଏଜେଣ୍ଟ ମଧ୍ୟ ବଦଳି ହୋଇସାରିଥିଲେ। ହେଲେ ଉକ୍ତ ବୀମା ଟଙ୍କା ବାବଦରେ ବ୍ୟାଙ୍କକୁ ବାରମ୍ବାର ଦୌଡି କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଶେଷରେ ବର୍ତ୍ତମାନ ବ୍ୟାଙ୍କ ମ୍ୟାନେଜର ଥିବା ମାନସ ରଞ୍ଜନ ସାହୁ ପୂର୍ଣ୍ଣାନନ୍ଦଙ୍କ ପାଖରେ ରହିଥିବା ଇନ୍ସୁ୍ୟରାନ୍ସ ବଣ୍ଡ ଓ ଅନ୍ୟ କାଗଜପତ୍ର ତନଖି କରିଥିଲେ। ହେଲେ ଏହି ବୀମା ବଣ୍ଡରେ ବ୍ୟାଙ୍କର କୌଣସି ଭୂମିକା ନ ଥିବା ଓ ବାହାର ଅଞ୍ଚଳର ଦିବ୍ୟକାନ୍ତ ରଥ ନାମକ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ଏହା କରାଯାଇଥିବା ଜଣାପଡିଥିଲା। ବ୍ୟାଙ୍କ ମ୍ୟାନେଜର ଏ ବାବଦରେ ସମ୍ପୃକ୍ତ ବୀମା କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସେମାନଙ୍କ ଖାମ ଖିଆଲି ବ୍ୟବହାର ତାଙ୍କୁ ମଧ୍ୟ ନିରାଶ କରି ଦେଇଛି। ଅପରପକ୍ଷରେ ବଣ୍ଡରେ ନାମ ରହିଥିବା କମ୍ପାନୀ ଏଜେଣ୍ଟ ଦିବ୍ୟକାନ୍ତଙ୍କୁ ଏ ବାବଦରେ ପଚାରିବାରୁ ସେ ମଧ୍ୟ ଏହି ବୀମା ବାବଦରେ ସମ୍ପୂର୍ଣ୍ଣ ଅଜ୍ଞ ରହିଥିବା କହିଛନ୍ତି ବୋଲି ବ୍ୟାଙ୍କ ମ୍ୟାନେଜର ସାହୁ କହିଛନ୍ତି। ଅପରପକ୍ଷରେ ନିଜ ଅର୍ଥ ବୁଡ଼ି ଯାଉଥିବା ଆଶଙ୍କାରେ ଗୁରୁବାର ପୂର୍ଣ୍ଣାନନ୍ଦ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ମୋର ପ୍ରାପ୍ୟ ନ ପାଇବା ପର୍ଯ୍ୟନ୍ତ ଅନଶନରୁ ଓହରିବୁ ନାହିଁ ବୋଲି ସେ କହିଛନ୍ତି।

### ଶ୍ରୀବଳଦେବଜୀଉଙ୍କ ମଧ୍ୟାହ୍ନ ନୀତି ୫ ଘଣ୍ଟା ବିଳମ୍ବ

କେନ୍ଦ୍ରାପଡା ଅଫିସ, ୨।୩

କେନ୍ଦ୍ରାପଡ଼ା ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତିଙ୍କ ଶ୍ରୀବଳଦେବଜୀଉଙ୍କ ମଧ୍ୟାହ୍ନ ନୀତି ୫ ଘଣ୍ଟା ଗୁରୁବାର ବିଳମ୍ବ ହୋଇଛି। ସନ୍ଧ୍ୟା ୫.୩୫ରେ ମଧ୍ୟାହ୍ନ ନୀତି ଲାଗି ସହ ଅନ୍ୟ ନିତ୍ୟ ରୀତିନୀତି ଚାଲିଛି । ଏସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ମଧ୍ୟାହ୍ନରେ ସେବାୟତ ପଦ୍ମଲୋଚନ ପଣ୍ଡା ପ୍ରସାଦ ଅର୍ପଣ ପାଇଁ ମନ୍ଦିରକୁ ଆସିଥିଲେ। ଶ୍ରୀଜୀଉଙ୍କୁ ପ୍ରଣାମ ପରେ ମନ୍ଦିରରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହି ସମୟକୁ ମଧ୍ୟାହ୍ନ ନୀତି ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ତେବେ ସେବାୟତଙ୍କ ମୃତ୍ୟୁ ପାଇଁ ମନ୍ଦିରର ରୀତିନୀତି ବନ୍ଦ ସହ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନକୁ ପୋତା ଯାଇଥିଲା। ପରେ ମନ୍ଦିର ଶୋଧ ହୋଇ ଶ୍ରଜୀଉଙ୍କୁ ମହାସ୍ନାନ କରାଯାଇଥିଲା। ଏଥିପାଇଁ ପ୍ରାୟ ୫ ଘଣ୍ଟା ବିଳମ୍ବ ହୋଇଥିବା ସେ ପ୍ରକାଶ କରିଥିଲେ।

# ରାସ୍ତାକୁ ଦୁର୍ଘଟଣାପ୍ରବଣ ଘୋଷଣା ପାଇଁ କେନ୍ଦ୍ରାପଡ଼ା ଆର୍‌ଟିଓଙ୍କୁ ଚିଠି



ବାରମ୍ବାର ଦୁର୍ଘଟଣା ଘଟୁଥିବା ସିଙ୍ଗିର କଟ ବନ୍ଧ ଛକ ରାସ୍ତା।

ଆଳି, ୨।୩ (ଡି.ଏନ.ଏ.)

କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ଅନ୍ତର୍ଗତ ସିଙ୍ଗିରି କଟବନ୍ଧ ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବାରୁ ଓ ଆଇନ ଶୃଙ୍ଖଳା ବ୍ୟାହତ ହେଉଥିବାରୁ ପୋଲିସ ମୁଣ୍ଡ ବ୍ୟଥାର କାରଣ ପାଲଟୁଛି। ଏହି ସ୍ଥାନକୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରିବାକୁ ଆଳି ଥାନା ଆଇଆଇସି ଦିଲୀପ ସାହୁ କେନ୍ଦ୍ରାପଡ଼ା ପରିବହନ ବିଭାଗଙ୍କୁ ଚିଠି ଲେଖିଥିବା ଜଣାପଡିଛି। ଆଇଆଇସି ସାହୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୩ ବର୍ଷ ମଧ୍ୟରେ କଟକ-ଚାନ୍ଦବାଲି ରାସ୍ତାର ସିଙ୍ଗିରି ନିକଟସ୍ଥ କଟ୍‌ବନ୍ଧଠାରେ ୮ ଟି ବଡ଼ ବଡ଼ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହୋଇଛି। ସେଥିପାଇଁ ବାରମ୍ବାର ରାସ୍ତାରୋକୋ କରାଯିବା ପୋଲିସ ଓ ପ୍ରଶାସନ ପାଇଁ ଅସୁବିଧା ସୃଷ୍ଟି କରୁଛି। ଗତ ୨୬।୨।୨୩ରେ ଚଣ୍ଡିଆଗଡ଼ି ଗାଁର ଦିଗମ୍ବର ଦାଶ ସିଙ୍ଗିରି ବଜାରରୁ ଫେରୁଥିବାବେଳେ କଟ୍ ବନ୍ଧଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ସେହି ସ୍ଥାନରେ ମୃତ୍ୟୁବରଣ କରିଥିଲେ। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକମାନେ ସଙ୍ଗେସଙ୍ଗେ ରାସ୍ତାରୋକୋ କରିଥିଲେ। ସେମାନେ ଏହି ସ୍ଥାନକୁ ବ୍ଲାକ ସ୍ପଟ୍ ଭାବେ ଘୋଷଣା କରିବାକୁ ଅଡ଼ି ବସିଥିଲେ। ଆଳି ତହସିଲଦାର ଓ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଏହାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। କେବଳ ଏହି ଗୋଟିଏ ଦୁର୍ଘଟଣା ନୁହେଁ ୨୦।୨।୨୩ରେ ପଟ୍ଟାମୁଣ୍ଡାଇ ବଡ଼ଗରା ଅଞ୍ଚଳର ମନୋଜ କୁମାର ରାଉତ, ଯାଜପୁର କଣ୍ଟିତରାର ବିଶ୍ୱଜିତ ବେହୁରିଆ। ୪।୧।୨୩ରେ ଏକ ଯାତ୍ରୀବାହୀ ବସ୍ ଏକ ହାଇୱାକୁ ଧକ୍କା ଦେଇ ଓଲଟି ପଡ଼ିବାରୁ ଦୁର୍ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୩।୨।୨୨ରେ ରାଜକନିକା ରାଉତ ବର୍ତ୍ତନିର ଅଟୋ ଡ୍ରାଇଭର ରାଜେଶ କୁମାର ନାଥ, ୧୧।୧୧।୨୦ରେ ସିଙ୍ଗିରିର ବୈକୁଣ୍ଠ ପାତ୍ର, ୨୧।୭।୨୦ରେ ସଂସିଧା ମଙ୍ଗରାଜପୁର ଗାଁର ନିର୍ମଳ କୁମାର ସେଠୀ, ୨୫।୧୧।୨୦ରେ ପଟ୍ଟାମୁଣ୍ଡାଇ ମଠସାହିର ସନ୍ତୋଷ କୁମାର ସାହୁ ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ଦୁର୍ଘଟଣାର ଶିକାର ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ସ୍ଥାନରେ ଦୁର୍ଘଟଣାରେ ଶିକାର ହୋଇଥିବା ସମସ୍ତଙ୍କ ମୃତ୍ୟୁ ଘଟିଥିଲା। ତୁରନ୍ତ ଏହାକୁ ଦୁର୍ଘଟଣା ପ୍ରବଣ ଘୋଷଣା କରିବାକୁ ବୁଦ୍ଧିଜୀବୀ ମହଲରେ ମଧ୍ୟ ଆଶା ପୋଷଣ କରାଯାଇଛି। ଆଇଆଇସି ଏହି ଚିଠିର ଏକକିତା ନକଲ କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି, ରାସ୍ତା ଓ ଗୃହ ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

### ପଟ୍ଟାମୁଣ୍ଡାଇ ପୌର ପରିଷଦରେ ମିଶନ ଶକ୍ତିଙ୍କୁ ସାଇକେଲ ବଣ୍ଟନ

ପଟ୍ଟାମୁଣ୍ଡାଇ,୨।୩ (ସ୍ୱ.ପ୍ର.): ମହିଳା ସଶକ୍ତିକରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଯୋଗୁ ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି। ଆଗାମୀଦିନରେ ମହିଳାମାନେ ଉଦ୍ୟୋଗୀ ହୋଇ ନବୀନଙ୍କ ସ୍ୱପ୍ନକୁ ସାକାର କରିବା ସହ ଓଡ଼ିଶା ବିକାଶର ସାରଥୀ ହେବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଗୁରୁବାର ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପ୍ରେକ୍ଷାଳୟ ଗୃହରେ ଭିଡିଓ କନଫରେନ୍ସ ଯୋଗେ ମିଶନ ଶକ୍ତି କମ୍ୟୁନିଟି ପାର୍ଟନରଙ୍କୁ ସାଇକେଲ ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, କାଉନସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ଲାସ୍ୟମୟୀ ସାହୁ, ସାନିଆ ପରମିନ, ପ୍ରିୟଙ୍କା ସେଠୀ, ରୀନା ମଲିକ, ଝରଣା ବେହେରା, ସୁବାସ ମଲିକ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ସମ୍ରାଟ କେଶରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ୫୨ ଜଣ ମିଶନ ଶକ୍ତି ମହିଳାଙ୍କୁ ସାଇକେଲ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏମଏମ ମାମିନୀ ପଣ୍ଡା, ମନୋରଞ୍ଜନ ଦାଶ, ଗଣେଶ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଥାନାରେ ପ୍ରେମୀ ଯୁଗଳଙ୍କ ବାହାଘର ହେଲା

କେନ୍ଦ୍ରାପଡ଼ା ଅଫିସ, ୨।୩

କେନ୍ଦ୍ରାପଡ଼ା ସଦର ଥାନା ପୋଲିସଙ୍କ ବୁଝାଶୁଝା ପରେ ପ୍ରେମୀ ଯୁଗଳଙ୍କ ବାହାଘର ଗୁରୁବାର ହୋଇଛି। ବାହାଘର ପରେ ନବବଧୂ ସ୍ୱାମୀଙ୍କ ସହ ଶାଶୁଘରକୁ ଯାଇଛନ୍ତି। ଏ ସମ୍ପର୍କରେ ଆଇଆଇସି ସରୋଜ ସାହୁ କହିଛନ୍ତି, କପାଳେଶ୍ୱର ଗାଁର ସଚ୍ଚିନ୍ଦ୍ର ବାରିକ ଦୀର୍ଘ ଦିନ ଧରି ଉକ୍ତ ଗାଁର ଅର୍ଚ୍ଚନା ମଲ୍ଲିକଙ୍କ ସହ ପ୍ରେମ ସମ୍ପର୍କ ରହି ଆସିଥିଲା। ତେବେ ଜାତିଗତ ସମ୍ପର୍କ ନେଇ ସଚ୍ଚିନ୍ଦ୍ରଙ୍କ ପରିବାର ମଧ୍ୟରେ ଝଡ ଉଠିଥିଲା। ସେ ଅର୍ଚ୍ଚନାଙ୍କୁ ବିବାହ କରିବାକୁ ଫେବୃୟାରୀ ୨୭ରେ ମନା କରି ଦେଇଥିଲେ। ଏଥିପାଇଁ ଅର୍ଚ୍ଚନା ପ୍ରେମିକ ସଚ୍ଚିନ୍ଦ୍ରଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ଏ ନେଇ ଅଭିଯୋଗ ହେବାରୁ ଉଭୟଙ୍କୁ ଥାନାକୁ ଡକାଯାଇ ଆପୋଷ ବୁଝାମଣା କରାଯାଇଥିଲା। ଉଭୟ ସାବାଳିକା ଓ ସାବାଳକ ହୋଇଥିବାରୁ ସେମାନଙ୍କ ବିବାହ ହୋଇଛି। ବାହାଘର ସମୟରେ ଥାନା କର୍ମଚାରୀ ସମେତ ସାମାଜିକ କର୍ମୀ ଲୋହିତ କୁମାର ମହାନ୍ତି, ପୀତବାସ ବେହେରା, ମୀନକେତନ ମହାନ୍ତି, ଶରତ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।



### ଗୋଲରାହାଟରେ କଂଗ୍ରେସର କର୍ମୀ ସମ୍ମିଳନୀ



କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜନେତାମାନେ।

ଡେରାବିଶ, ୨।୩ (ସ୍ୱ.ପ୍ର.)

ଉଭୟ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ସାଢେ ୪ବର୍ଷ ଜନସାଧାରଣଙ୍କୁ ଲୁଟି ସର୍ବସ୍ୱାନ୍ତ କରିବା ଓ ପରବର୍ତ୍ତୀ ଅବସ୍ଥାରେ ଅସତ ଉପାୟ ଅବଲମ୍ବନ କରି ଚୋରା ଟଙ୍କା କାରବାର କରି ନିର୍ବାଚନରେ ବିଜୟୀ ହେବାର ନୀତି ସମସ୍ତ ରାଜ୍ୟବାସୀଙ୍କୁ ଜଣାପଡିଗଲାଣି। ତେଣୁ ଆଗାମୀ ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଜାଗ୍ରତ ହୋଇ ଉଠିଥିବା ଭୋଟରମାନେ ଉଭୟ ଦଳକୁ ଠିକ୍ ଭାବେ ଜବାବ ଦେଇ ଶାସନଗାଦୀରୁ ନିଶ୍ଚିତ ହଟାଇ ଦେବେ ବୋଲି ବୁଧବାର ସନ୍ଧ୍ୟା ଡେରାବିଶ ବ୍ଲକ କଂଗ୍ରେସ ପକ୍ଷରୁ କରାଯାଇଥିବା ଗୋଲରାହାଟ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ଯୋଗଦେଇ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତର ତିକିଲପୁରସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିବା କର୍ମୀ ସମ୍ମିଳନୀରେ ପଞ୍ଚାୟତ କଂଗ୍ରେସ ସଭାପତି ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସମେତ କଂଗ୍ରେସର ବରିଷ୍ଠ ନେତା ରଘୁନାଥ ଶତପଥୀ, ରାଜୀବ ଲୋଚନ ମିଶ୍ର, ନହଙ୍ଗ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରଶ୍ମୀରଞ୍ଜନ ପଣ୍ଡା, ବ୍ଲକ ଛାତ୍ର କଂଗ୍ରେସ ସଭାପତି ପ୍ରଭୁଦତ୍ତ ପଣ୍ଡା ଓ ଦଳୀୟ ଯୁବ ନେତା ଅଭୟ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଦୁର୍ନୀତିଗ୍ରସ୍ତ ଏବଂ ଶାସନ ବ୍ୟବସ୍ଥା ସମ୍ଭାଳିବାରେ ଅସମର୍ଥ ସାଜିଥିବା ଉଭୟ କେନ୍ଦ୍ର ଓ ରାଜ୍ୟର ଅପାରଗ ସରକାରଙ୍କ ବିରୋଧରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଗତ ପଞ୍ଚାୟତ ନିର୍ବାଚନରେ ସମିତିସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ରବିନ୍ଦ୍ର କାଣ୍ଡି ନିଜ ସମର୍ଥକମାନଙ୍କ ସହିତ କଂଗ୍ରେସ ଦଳରେ ଯୋଗଦାନ କରିଥିବା ବେଳେ କଂଗ୍ରେସ ନେତା କାନୁନ୍‌ଗୋ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି କର୍ମୀ ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଯୋଧନ ନାୟକ, ଗୌର ଚନ୍ଦ୍ର ବଘେଲ, ଖଗେଶ୍ୱର କର, ଅବଦୁଲ ଖାଲିକ, କାଦର ଖାଁ, ଦୁର୍ଯ୍ୟୋଧନ ବାରିକ, ବେଣୁଧର ସାହୁ, ସ୍ୱପ୍ନେଶ୍ୱର ପ୍ରଧାନ, ନିଳମଣୀ ଦାସ ଓ ନେତ୍ରାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କର୍ମୀ ସମ୍ମିଳନୀରେ ବହୁ ସଂଖ୍ୟାରେ କଂଗ୍ରେସ ଦଳର ମହିଳାପୁରୁଷ କର୍ମୀମାନେ ଯୋଗ ଦେଇଥିଲେ। ଶେଷରେ କଂଗ୍ରେସ ନେତା କରୁଣାକର କର ଧନ୍ୟବାଦ ଦେଇଥିଲେ। ଏହି କର୍ମୀ ସମ୍ମିଳନୀ ପରିଚାଳନାରେ ବ୍ଲକ କଂଗ୍ରେସ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଆଜିଠାରୁ କନିକା ପ୍ରସିଦ୍ଧ ରାଜମେଳଣ



ରାଜଦୋଳ ମେଳଣରେ ରାଧାକୃଷ୍ଣଙ୍କ ମୂର୍ତ୍ତି। (ଫାଇଲ ଫଟୋ)

ରାଜକନିକା, ୨।୩(ଡି.ଏନ୍.ଏ.)

ରଙ୍ଗର ପର୍ବ ଦୋଳ, ଦୋଳ ମେଳଣ ଉତ୍ସବ ଆସିଲେ ସାଧାରଣତଃ ଗାଁଠାରୁ ସହର ଲୋକମାନଙ୍କ ମଧ୍ୟରେ ଖୁସିର ଲହର ସଞ୍ଚାରିତ ହୁଏ। ରାଜକନିକାର କନିକା ପ୍ରସିଦ୍ଧ ରାଜମେଳଣ ରାଜା ରାଜୁଡ଼ା ସମୟରୁ ହୋଇ ଆସୁଅଛି। ଏହି ପ୍ରରିପ୍ରେକ୍ଷୀରେ କନିକାର ମଠ ମନ୍ଦିର ଉତ୍ସବ ମୁଖର ହୋଇଉଠିଛି। ବିଭିନ୍ନ ମଠ ଓ ମନ୍ଦିରଗୁଡିକରେ ଭିନ୍ନ ଭିନ୍ନ ନାମରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସୁସଜ୍ଜିତ ବିମାନରେ ମେଳଣ ଉତ୍ସବକୁ ଆସୁଥିବା ଦେଖିବାକୁ ମିଳେ। ପରମ୍ପରା ଅନୁଯାୟୀ ବସନ୍ତ ପଞ୍ଚମୀଠାରୁ ବାହାରିଥିବା ଶ୍ରୀଜୀଉମାନେ ଫଗୁଦଶମୀରୁ ବାହାରି ଦୋଳ ପୂର୍ଣ୍ଣିମା ପାର୍ଯ୍ୟନ୍ତ ହେବାକୁ ଥିବା ଏହି ୫ ଦିନିଆ ମେଳଣ ଉତ୍ସବ ଶୁକ୍ରବାର ପ୍ରଥମେ କାଳିକାପୁର ମେଳଣ ପଡ଼ିଆରେ ଏକାଠି ହୋଇ କମିଟିମାନଙ୍କ ଦ୍ୱାରା ଭୋଗ ଲାଗି ହେବାର ବିଧି ବ୍ୟବସ୍ଥା କରାଯାଇଥାଏ। ସେହିପରି ଯଥାକ୍ରମେ ଆୟତନ, ଦେଉଳି, ଗିରିଆ ଓ ଶେଷ ରାଜକନିକାର ରାଜ ମେଳଣରେ ଶ୍ରୀଜୀଉମାନେ ଏକାଠି ହୋଇଥାନ୍ତି। ପରଦିନ ହରିହର ଭେଟ କରି ମେଣ୍ଢାଶାଳ ପୋଡ଼ି ମନ୍ଦିରକୁ ପ୍ରବେଶ କରଥାନ୍ତି। ଶ୍ରୀଜୀଉଙ୍କ ସୁସଜ୍ଜିତ ବିମାନ କନିକାର ବିଭିନ୍ନ ଗାଁକୁ ଗାଁ ବୁଲି ଭୋଗ ଲାଗି ହୋଇଥାଏ। ଏହି ଦୋଳ ମେଳଣ ଉତ୍ସବରେ କନିକା ରାଜାଙ୍କ ଗୋପାଳ ଜୀଉ, ବଡ଼ାଗର ଗାଁର ଗୋପୀନାଥ ଜୀଉ, ଗଞ୍ଜାର ନୃସିଂହନାଥ ଜୀଉ, ଗିରିଆର ରାଧାକାନ୍ତ ଜୀଉ, ଆୟତନର କୋଟି ବ୍ରହ୍ମାଣ୍ଡନାଥ, ବାଦରଜାର ଲଛମନ ଜୀଉ, ଜରିସାହି ରଘୁନାଥ ଜୀଉ, ଚେରଣ୍ଟପଡ଼ାର ଦଧିବାମନ ଜୀଉ, କାଳିକାପୁର ବୃନ୍ଦାବନ ଜୀଉ, ମହାଦେଈଆଡ଼ିଆର ରାଜଗୁରୁଙ୍କ ସମେତ ପ୍ରାୟ ୫୦ଟି ବିମାନ ଉତ୍ସବରେ ଶୋଭା ବର୍ଦ୍ଧନ କରିଥାନ୍ତି। ଶ୍ରୀଜୀଉମାନେ ସୁସଜ୍ଜିତ ବିମାନରେ ଥାଇପଟାଳି ସହ ବାଣ ରୋଶଣୀ କରି ମଳେଣ ପଡ଼ିଆକୁ ଆସିଥାନ୍ତି। ପୂର୍ଣ୍ଣିମା ଦିନ କନିକା ରାଜ ମେଳଣ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଥାଏ। ନିଜେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ରାଣୀ ମୃଣାଳିନୀ ଦେବୀ ରାଜବାଟୀରେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସହ ହୋଲି ଖେଳିବା ସହ ଶ୍ରୀଜୀଉମାନଙ୍କୁ ଭୋଗ ଲାଗି କରିଥାନ୍ତି।

# ଧୋୟାଞ୍ଚଳ ଚାଷରେ ବେଣାଗଛ ବାଧକ

■ ଶହ ଶହ ଏକର ଉର୍ବର ଚାଷଜମି ପଡ଼ିଆ ପଡ଼ିଛି
■ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନି

ପଟ୍ଟାମୁଣ୍ଡାଇ, ୨।୩ (ସ୍ୱ.ପ୍ର .)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଉର୍ବର ଚାଷ ଜମିରେ ବେଣାଗଛ ହେବା ଯୋଗୁ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଫଳରେ ଚାଷକାର୍ଯ୍ୟ କରିବାରେ ବେଣାଗଛ ବାଧକ ସାଜିଛି। ଏଥିଯୋଗୁ ଶତାଧିକ ଏକର ଉର୍ବର ଚାଷ ଜମି ପଡ଼ିଆ ପଡ଼ିବା ସାର ହୋଇଛି। ଏକଦା କେନ୍ଦ୍ରାପଡ଼ା ଜିଲାକୁ ସବୁଜ ପନିପରିବା ଯୋଗାଉଥିବା ଧୋୟାଞ୍ଚଳରେ ଆଉ ବିଭିନ୍ନ କିସମର ପରିବା ଚାଷ ହୋଇ ପାରୁନାହିଁ। ପନିପରିବା ଚାଷ କରି ଧୋୟାଞ୍ଚଳର ଚାଷୀମାନେ ନିଜର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରୁଥିଲେ। ଏବେ ଚାଷୀମାନେ ଆଗଭଳି ଜମିରେ ପରିବା ଚାଷ କରିବାକୁ ମନ ବଳାଉନାହାନ୍ତି। କାରଣ ବେଣାଗଛ ମୂଳ ତାଡ଼ିବାରେ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି।

୧୯୯୯ ବାତ୍ୟା ପରଠାରୁ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଥିବା ଅଧିକାଂଶ ଚାଷ ଜମିରେ ବେଣା ଗଛ ସୃଷ୍ଟି ହେବାରେ ଲାଗିଲା। ଫଳରେ ବହୁ ଚାଷୀ ପରିବାରର ଯୁବକମାନେ ଚାଷ ପ୍ରତି ବିମୁଖ ହୋଇ ଗାଁ ଛାଡ଼ି ବିଦେଶରେ ରହି କାର୍ଯ୍ୟ କରିବାକୁ ପସନ୍ଦ କଲେ। ବେଣାଗଛ ଯୋଗୁ ଚାଷଜମିରେ ଫସଲ ଉତ୍ପାଦନ କରିବା ଆଉ ସମ୍ଭବ ହେଉନାହିଁ। ତନୁପୁର ଗାଁର ଚାଷୀ ଶରତ ନାୟକ, ରବୀନ୍ଦ୍ର ସାହୁ, ବାଲିପାଟଣା ଗାଁର ଭୂପତି ନାୟକ, ଅଭୟ ଜେନା, ବସନ୍ତ ସାହୁ, ଅଜୟ ଜେନା, ଅଜିତ ବିଶ୍ୱାଳ, କଷଣଅଣ୍ଟା ଗାଁର ଫକୀର ସାମଲ, ଶ୍ରୀକାନ୍ତ ପ୍ରଧାନ, ରାଜେନ୍ଦ୍ର ପରିଡା, କାଳିଆ ବିଶ୍ୱାଳ ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା କଷଣଅଣ୍ଟା, ତଳବାଲିପଡା, ବଳଦେବ ନଗର, ସିଦ୍ଧପାଟଣା, ବାଲିପଡ଼ା, ନୂଆଗାଁ, କାକୁଡିପଲ୍ଲୀ, ଅଳଭା, ତନୁପୁର, ନନ୍ଦିନୀନଗର, ଖଡ଼ିପାଳ, ଷଣ୍ଢପଲ୍ଲୀ, ନୀଳକଣ୍ଠପୁର, ବାଛରା, ମଣ୍ଡପଡ଼ା, ବାଲିପାଟଣା ଆଦି ଧୋୟାଞ୍ଚଳର ଚାଷଜମିରେ ପ୍ରତିବର୍ଷ ବନ୍ୟା ସମୟରେ ପଟୁ ପଡୁଥିଲା। ଫଳରେ ଚାଷଜମିର ଉର୍ବରତା ବୃଦ୍ଧି ପାଉଥିଲା। ଏଥିଯୋଗୁ ବିଭିନ୍ନ ପ୍ରକାର ପରିବା ଓ ରବି ଫସଲ ଉତ୍ପାଦନ କରାଯାଉଥିଲା। ଧୋୟାଞ୍ଚଳରେ ଥିବା ଚାଷଜମିରେ ବେଣାଗଛ ହଟାଇବାକୁ ରାଜ୍ୟ ସରକାର ଓ କୃଷି ବିଭାଗ ନିକଟରେ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଛି। ହେଲେ ଚାଷୀମାନଙ୍କ ଏହି ମୌଳିକ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର କିମ୍ବା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଧୋୟାଞ୍ଚଳରେ ବାଦାମ, ମୁଗ, ବିରି, କୋଳଥ, ମାଣ୍ଡିଆ, ଯଅ, ଫେସି, ଖସା, ମକା ଆଦି ଅର୍ଥକରୀ ଫସଲ ଚାଷୀମାନେ କରୁଥିଲେ। ଅନ୍ୟପକ୍ଷରେ ଅଞ୍ଚଳରେ ଆଳୁ, ବାଇଗଣ, ଟମାଟୋ, ଜହ୍ନି, ଭେଣ୍ଡି, ପୋଟଳ, କଲରା, ବିଟ, ପୋଇ, ମୂଳା, କଖାରୁ, ଝୁଡ଼ଙ୍ଗ, ବିମ, କୋବି, କାକୁଡି, ତରଭୁଜ, ଫୁଟି ଆଦି ବହୁଳ ପରିମାଣରେ ଚାଷ ହେଉଥିଲା। ଉତ୍ପାଦିତ



ଉର୍ବର ଚାଷୀ ଜମିରେ ବେଣା ଗଛଉଠିଛି।

ଫସଲକୁ ପଟ୍ଟାମୁଣ୍ଡାଇ ସହ କେନ୍ଦ୍ରାପଡ଼ା ଜିଲାର ଆଳି, ରାଜନଗର, ରାଜକନିକା, କେନ୍ଦ୍ରାପଡ଼ା, ମହାକାଳପଡ଼ା ବ୍ଲକକୁ ଯୋଗାଣ ହେଉଥିଲା। ଧୋୟାଞ୍ଚଳର ଚାଷୀମାନେ ପନିପରିବା ବିକ୍ରି କରି ବେସ ଦୁଇ ପଇସା ରୋଜଗାର ମଧ୍ୟ କରୁଥିଲେ। ଚାଷଜମିରେ ବେଣାଗଛ ସୃଷ୍ଟି ହେବା ପରେ ବିକଳ୍ପ ଭାବେ ଚାଷକୁ ବେଉସା କରିଥିବା ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷଜମିରୁ ବେଣାଗଛ ତାଡ଼ିବା ପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଥିବାରୁ ଗରିବ ଚାଷୀଙ୍କ ପକ୍ଷରେ ଏହା ସମ୍ଭବ ହେଉନାହିଁ। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଧୋୟାଞ୍ଚଳର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଚାଷଜମିରୁ ବେଣାଗଛ ହଟାଇବାକୁ ସେମାନେ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ କୃଷି ଅଧିକାରୀ ଶରତ ଚନ୍ଦ୍ର ନାୟକଙ୍କୁ ପଚାରିବାରେ ଜମିରୁ ବେଣାଗଛ ହଟାଇ କିପରି ପୂର୍ବଭଳି ସବୁଜ ପନିପରିବା ଫସଲ ଉତ୍ପାଦନ ହୋଇପାରିବ, ସେଥିପ୍ରତି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ବିଶ୍ୱଶାନ୍ତି ପଞ୍ଚମହାଯଜ୍ଞ ଉଦ୍‌ଯାପିତ

ବାଲିଗୁଡା, ୨।୩(ଡି.ଏନ୍.ଏ): କନ୍ଧମାଳ ଜିଲା ବାଲିଗୁଡାର ନୂଆସାହିର ଶ୍ରୀଶ୍ରୀ ମା' ବରାଳଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଶହେରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା । ଗ୍ରାମ୍ୟ କମିଟି ସଭାପତି ଲଳିତ ପାତ୍ର, କର୍ତ୍ତା ଭାବେ ସଞ୍ଜୟ ପାତ୍ର, ସମ୍ପାଦକ ଗଙ୍ଗାଧର ଭୋଇ, କୋଷାଧ୍ୟକ୍ଷ ଅଶୋକ ସାହୁ, ଉପସଭାପତି ଶିବରାମ ପ୍ରଧାନୀ, ସହ ସମ୍ପାଦକ କଣ୍ଢେଶର ବାଘ, ସଂକୀର୍ତ୍ତନ ଅଧିକାରୀ ପ୍ରମୋଦ ଦଣ୍ଡସେନା, ବିଜୟ ଚନ୍ଦ୍ର ଖଣ୍ଡଗିରି, ଜଗନ୍ନାଥ ବିଶୋଇ, ବିଭୁତି ଲହରିଆ ପ୍ରମୁଖ କରିଥିଲେ ।

## ସଂକ୍ଷେପରେ

### ବିଧାୟକ ରମେଶ ଜେନା ନିର୍ଦ୍ଦୋଷ

#### ଜିତୁନ ଗୌଡ଼ ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୨।୩-ଏଡିଜେ-୩ ଗୁରୁବାର ଜିତୁନ ଗୌଡ ହତ୍ୟା ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ସେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବିଚାର ବେଳେ କୋର୍ଟରେ ୧୧ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ରେକର୍ଡ କରାଯାଇଥିଲା। ପ୍ରକାଶ ଯେ, ୨୦୧୫ ନଭେମ୍ବର ୨୫ରେ ସୋରଡ଼ା ବ୍ଲକ ବଡ଼ଗଡ଼ ଥାନା ନିକଟସ୍ଥ ବୈଦେହୀ ଜଙ୍ଗଲରୁ ଜିତୁନ(୧୮)ଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ଗଞ୍ଜେଇ ବେପାରକୁ କେନ୍ଦ୍ରକରି ତାଙ୍କୁ ହତ୍ୟା ହୋଇଥିବା ସନ୍ଦେହ କରାଯାଇଥିଲା। ଏ ନେଇ ମୃତ ଯୁବକଙ୍କ ବାପା ସନ୍ତୋଷ ଗୌଡ଼ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୩୮/୧୫ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ହେଲେ ଏହି ମାମଲାରେ ୨୦୧୭ ନଭେମ୍ବର ୧୫ରେ ରମେଶଙ୍କ ନାମ ପୋଲିସ ଷଡଯନ୍ତ୍ରକାରୀ ଭାବେ ଜଡିତ (ରିମାଣ୍ଡ) କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳି ନ ଥିବାରୁ କୋର୍ଟ ବିଧାୟକ ଜେନାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ମାଗୁଣି ଚରଣ ପଲାଇ ଓ ରମେଶ ଜେନାଙ୍କ ପକ୍ଷରୁ କିଶୋର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରୁଥିଲେ।

### ନିଆଁ ଦାଉରୁ ଜଙ୍ଗଲ,ବନ୍ୟପ୍ରାଣୀଙ୍କୁ ରକ୍ଷା ପାଇଁ ସଚେତନତା

ଓଡ଼ଗାଁ,୨।୩(ସ୍ୱ.ପ୍ର.)-ଗ୍ରୀଷ୍ମରେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ନିଆଁଦାଉରୁ ରକ୍ଷା କରିବାକୁ ବନ ବିଭାଗ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି । ଜଙ୍ଗଲ ସୁରକ୍ଷା ବାହିନୀ, ଗ୍ରାମ୍ୟ ଜଙ୍ଗଲ କମିଟି ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି । ଏଥିପାଇଁ ଦାସକାଠିଆ ଓ ପଥପ୍ରାନ୍ତ ସଭା ମାଧମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି । ଏପରିସ୍ଥଳେ ଗୁରୁବାର ଅପରାହ୍ନ ଓ ସନ୍ଧ୍ୟାରେ ବାହାଡାଝୋଲା ବନ୍ୟ ସେକ୍ସନ ଅଧୀନରେ ସୁନାମୁହଁ ଓ ବଧୂଲିପୁର ଗ୍ରାମରେ ଦାସକାଠିଆ ମାଧମରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା କରିବାକୁ ବାର୍ତ୍ତା ପ୍ରଚାର କରାଯାଇଛି । ଦାସକାଠିଆ ଗାୟକ ଗୋପାଳ ମହାପାତ୍ର ଓ ସାଥିଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି । ବନପାଳ ସନାତନ ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଫ୍ରେଣ୍ଡସ କଲୋନିରେ ପୁଣି ଚୋରି

ପାରଳାଖେମୁଣ୍ଡି, ୨।୩(ଡି.ଏନ୍.ଏ): ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଫ୍ରେଣ୍ଡସ କଲୋନୀ ନିକଟରେ ପୁଣି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏସ. ଲୋକନାଥ ରେଡ୍ଡୀଙ୍କ ଘର ତାଲା ଭାଙ୍ଗି ସୁନା ରୁପା ଅଳଙ୍କାର, ଟିଭି, ଲାପ୍‌ଟପ୍ ଏବଂ ବାସନକୁସନ ଚୋରି ହୋଇଛି । ଶ୍ରୀ ରେଡ୍ଡୀ ନିଜ ମା'ଙ୍କ ମୃତ୍ୟୁ ଖବର ଶୁଣି ଛତ୍ରପୁର ନିଜ ଗାଁକୁ ଯାଇଥିଲେ। ସେଠାରେ ମା'ଙ୍କ ଅନ୍ତେଷ୍ଟି କାର୍ଯ୍ୟ ସାରି ୧୫ ଦିନ ପରେ ପାରଳାଖେମୁଣ୍ଡି ଫେରିଥିବା ବେଳେ ଘର ଭିତରପଟୁ ବନ୍ଦଥିବା ଜାଣି ସ୍ଥାନୀୟ କିଛି ଯୁବକଙ୍କୁ ବାରିପଟେ ଯାଇ ଦେଖିବାକୁ କହିଥିଲେ। ବାରିପଟ ତାଲା ଭାଙ୍ଗିଥିବା ଏବଂ ଘର ଖୋଲାଥିବା ଦେଖିଥିଲେ। କବାଟ ଖୋଲି ଦେଖିବା ପରେ ୨ ଭରି ଉର୍ଦ୍ଧ୍ୱ ସୁନା ଅଳଙ୍କାର, ଟିଭି, ଲାପଟପ, ନଗଦ ୪୦ହଜାର ଟଙ୍କା ସହ ବହୁ ଆସବାବପତ୍ର ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ପାରଳାଖେମୁଣ୍ଡି, ୨।୩ (ଡି.ଏନ୍.ଏ) : ଗଜପତି ଜିଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସରକାର ବିଭିନ୍ନ ପ୍ରସଙ୍ଗରେ ନ୍ୟାୟ ଦେବାରେ ବିଫଳତାକୁ ନେଇ ସ୍ଥାନୀୟ ଏମ୍‌ଆରବି ହାଇସ୍କୁଲ ଛକ ଠାରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବାଳକୃଷ୍ଣ ପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱରରେ ଭାଜପା କର୍ମୀଙ୍କୁ ଆକ୍ରମଣ କରିବା ସହ ମିଛ ସଙ୍ଗୀନ ଦଫା ଲଗାଇ ଜେଲରେ ପୁରାଇବାକୁ ତୀବ୍ର ନିନ୍ଦା କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର ଓ ଇ.ପ୍ରଶାନ୍ତ, ମହିଳା ସଭାନେତ୍ରୀ ଅରୁଣୀମା ସାହୁ, କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପାଲ, କାଉନସିଲର ବାବୁନା ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ଗାଁ ଶିଳ୍ପୀଙ୍କ ଦିଲ୍ଲୀରେ ଚାହିଦା



ପ୍ରତିଷ୍ଠା ହୋଇଥିବା ରୋହିଣୀସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ।

ନୟାଗଡ଼ ଅଫିସ/ଓଡ଼ଗାଁ,୨।୩(ସ୍ୱ.ପ୍ର.)

ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କୃତିକୁ ଦେଶ ବିଦେଶରେ ପ୍ରଚାର ଓ ପ୍ରସାର କରିବା ସମେତ ମନ୍ଦିର ନିର୍ମାଣ ପାଇଁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ମନ୍ଦିର ଶିଳ୍ପୀଙ୍କ ଚାହିଦା ବଢୁଛି । ଓଡ଼ଗାଁ ମନ୍ଦିର ଶିଳ୍ପୀଙ୍କ ହାତରେ ଦିଲ୍ଲୀରେ ୨୦ ବର୍ଷ ମଧ୍ୟରେ ୧୨ରୁ ଉର୍ଦ୍ଧ୍ୱ ମନ୍ଦିର ନିର୍ମାଣ ହେଇଛି । ଏଥିରୁ ପ୍ରାୟ ୧୦ଟି ମନ୍ଦିର ପ୍ରତିଷ୍ଠା ହୋଇ ସାରିଲାଣି । ଅନ୍ୟ ମନ୍ଦିରଗୁଡିକ ନିର୍ମାଣ ଚାଲିଛି । ଗ୍ରୀନପାର୍କ ଓ ତ୍ୟାଗରାଜନଗରରେ ୨ଟି ଜଗନ୍ନାଥ ମନ୍ଦିର ବହୁ ବର୍ଷ ତଳେ ନିର୍ମାଣ ହୋଇଥିଲା । ପରେ ଗାଜିଆବାଦ, ନୋଇଡା, ଗୁରୁଗ୍ରାମ, ଭିୱାଡି, ଫରିଦାବାଦ, ଝିଲିମିଲି, ବାହାଦୂରଗଡ, ସୋହନା(ହରିୟାଣା) ସହିତ ହରିଦ୍ୱାରାରେ ଜଗନ୍ନାଥ ମହାପ୍ରଭୁଙ୍କ ୧୨ରୁ ଉର୍ଦ୍ଧ୍ୱ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଓଡ଼ଗାଁର ମନ୍ଦିର ଶିଳ୍ପୀ କୃଷ୍ଣଚନ୍ଦ୍ର ବରାଡ, ରାମଚନ୍ଦ୍ର ବିଶୋଇ, ରଞ୍ଜନ ନାୟକ, ସନାତନ ସୁବୁଦ୍ଧି, ଦିଲ୍ଲୀପ ପ୍ରଧାନ, ପ୍ରକାଶ ପ୍ରଧାନ ଓ ସନ୍ତୋଷ ପ୍ରଧାନ ପ୍ରମୁଖ ଶତାଧିକ ଶିଳ୍ପୀ ମନ୍ଦିର ନିର୍ମାଣ କାମରେ ଲାଗି ପଡିଛନ୍ତି । ଗୋଟିଏ ମନ୍ଦିରରେ ଅତିକମରେ ୭ରୁ ୮ଜଣ ଶିଳ୍ପୀ କାମ କରୁଛନ୍ତି । ପୁରୀ ଶ୍ରୀଜୀଉଙ୍କ ମନ୍ଦିର ସଦୃଶ ମନ୍ଦିରଗୁଡିକ ନିର୍ମାଣ ହେଉଛି।

### ଗଢ଼ିଲେଣି ୧୨ରୁ ଉର୍ଦ୍ଧ୍ୱ ଜଗନ୍ନାଥ ମନ୍ଦିର

ମନ୍ଦିରରେ ପାର୍ଶ୍ୱଦେବତାଙ୍କ ସମେତ ଶ୍ରୀଜୀଉଙ୍କ ମୁଖ୍ୟମନ୍ଦିର, ଜଗମୋହନ, ନାଟ୍ୟମଣ୍ଡପ, ୨୨ ପାହାଚ ଦେଖିବାକୁ ମିଳୁଛି । ଯାହାକି ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କୃତି ସହିତ ଉତ୍କଳୀୟ ପରମ୍ପରାର ଝଲକକୁ ମନେ ପକାଉଛି । ଏନେଇ ଦିଲ୍ଲୀରେ ମନ୍ଦିର କାରୁକାର୍ଯ୍ୟ କାମ କରୁଥିବା ମୁଖ୍ୟ ଶିଳ୍ପୀ ଓଡ଼ଗାଁର କୃଷ୍ଣଚନ୍ଦ୍ର ବରାଡ କୁହନ୍ତି, ଦିଲ୍ଲୀରେ ମନ୍ଦିର ନିର୍ମାଣ ଯୋଗୁ ଶତାଧିକ ମନ୍ଦିର ଶିଳ୍ପୀ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ହୋଇ ପାରିଛନ୍ତି । ଗୋଟିଏ ମନ୍ଦିର ନିର୍ମାଣରେ ୩୦ ଲକ୍ଷରୁ ଆରମ୍ଭ କରି ୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି । ବାଦାନ୍ୟ ବ୍ୟକ୍ତିଙ୍କ ବିନିଯୋଗ ଅନୁସାରେ ମନ୍ଦିର ପ୍ରତିଷ୍ଠା ନିର୍ଭର କରୁଛି । ୧୨ ବର୍ଷର ନିର୍ମାଣ ପରେ ସେକ୍ଟର ୨୪ ରୋହିଣୀସ୍ଥିତି ଶ୍ରୀଜଗନାଥ ମନ୍ଦିର ଗତ ୨୪ ତାରିଖରେ ପ୍ରତିଷ୍ଠା ହୋଇଛି । ଗତ ୨୦ ତାରିଖରୁ ଏହି ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା । ଶ୍ରୀଜଗନ୍ନାଥ ରୋହିଣୀ ସେବା ସଂଘ ଆନୁକୂଲ୍ୟରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ସଭାପତି ରାକେଶ କୁମାର ଗୁପ୍ତା, ସମ୍ପାଦକ ପବନ ଜୈନଙ୍କ ସମେତ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଗଞ୍ଜାମ ଜିଲାର ଅଶୋକ କୁମାର ପାଢୀଙ୍କ ନେତୃତ୍ୱରେ ବେଦଜ୍ଞ ପଣ୍ଡିତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ ।

# ଘରେ ପଶି ଆକ୍ରମଣ, ଶୋଭାଯାତ୍ରାରେ ମାରପିଟ

ଧରାକୋଟ, ୨।୩ (ଡି.ଏନ୍.ଏ):

ଧରାକୋଟ ଥାନା ଅନ୍ତର୍ଗତ ଜାହାଡ଼ା ଗ୍ରାମରେ ଘରେ ପଶି ମାର୍‌ପିଟ ଲୁଟ ଓ ଭଙ୍ଗାରୁଜା ମାମଲା ନେଇ ଗ୍ରାମର ବିପ୍ରଚରଣ ଗୌଡଙ୍କ ସ୍ତ୍ରୀ ନିଳେନ୍ଦ୍ରୀ ଗୌଡ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ ୫୬/୨୩ରେ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ମମତା ସାମନ୍ତରାୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୁରୁବାର ସକାଳେ ଗ୍ରାମର ସତ୍ୟନାରାୟଣ ସ୍ୱାଇଁ, ନିଗମାନନ୍ଦ ସ୍ୱାଇଁ, ବିକ୍ରମ ସ୍ୱାଇଁ, ସଂଗ୍ରାମ ସ୍ୱାଇଁ ଘରେ ପଶି ଜବରଦସ୍ତ ଭୟଭୀତ କରି ସୁନାଚେନ, ମୁଦି, ନଗଦ ଟଙ୍କା ଲୁଟିନେବା ଏକ ବାଇକ ଭାଙ୍ଗି ଦେଇଥିଲେ। ଘରେ ବ୍ୟବହୃତ ଫ୍ରିଜ ଓ ଆସବାବପତ୍ର ଭାଙ୍ଗି ଦେଇଥିଲେ ବୋଲି ଅଭିଯୋଗ କରିଛନ୍ତି। ସେହିପରି ଲଡୁକିଶୋର ସ୍ୱାଇଁଙ୍କ ସ୍ତ୍ରୀ ଅହଲ୍ୟା ଅନ୍ୟ ଏକ ମାମଲା ରୁଜୁ କରିଛନ୍ତି। ପୋଲିସ ନଂ ୫୭/୨୩ରେ ମାମଲା ରୁଜୁ କରିଛି। ସେ ଦର୍ଶାଇଛନ୍ତି ଯେ, ଗ୍ରାମର ଆତଙ୍କ ସୃଷ୍ଟି କରୁଥିବା ଗୋଷ୍ଠୀର ସତ୍ୟନାରାୟଣ ସ୍ୱାଇଁ, ନିଗମାନନ୍ଦ ସ୍ୱାଇଁ, ବିକ୍ରମ କେଶରୀ ସ୍ୱାଇଁ, ଆଦିତ୍ୟ ଜେନା ଏକ ବିବାହ ଉତ୍ସବରେ ସାଇଡ୍ ଦେବାକୁ ଆମ ଘର ଭିତରକୁ ପଶି ମୋର ବୋହୂକୁ ଧସ୍ତାଧସ୍ତି କରିବା ସହ ପରିବାରବର୍ଗଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଧରାକୋଟ ଥାନ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ବିଧାୟକ ଓ ଅନ୍ୟମାନେ ।

ଦଶପଲ୍ଲା,୨।୩(ଡି.ଏନ.ଏ.)

ଗୁରୁବାର ଦଶପଲ୍ଲା ବ୍ଲକ କ୍ୟାମ୍ପସ ପରିସରରେ ଆସନ୍ତା ୫ ତାରିଖ ହେବାକୁ ଥିବା ବିଜୁ ପଟ୍ଟନାୟକଙ୍କ ୧୦୭ ତମ ଜୟନ୍ତୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ ବିଜେଡି ସଭାପତି ସୁଦାମ ଚରଣ ନାୟକ, ଏନଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭ୍ୟ ହରିଶନ୍ଦ୍ର ଜାନୀ, ବସନ୍ତ ପ୍ରଧାନଙ୍କ ସମେତ ଦଶପଲ୍ଲା ନୂଆଗାଁ ଓ ଗଣିଆ ବ୍ଲକ ବିଜେଡିର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ସେଦିନ ସକାଳ ୭.୩୦ରେ ମେଡିକାଲ ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମେଡିକାଲର ରୋଗୀମାନଙ୍କୁ ଫଳ ବଣ୍ଟନ, ଅପରାହ୍ନ ୩ଟାରେ ମହାବୀର ମନ୍ଦିରଠାରୁ ମେଳିଆ ତୋଟା ପର୍ଯ୍ୟନ୍ତ ସାଇକେଲ ରାଲି ଓ ୪ଟାରେ ମେଳିଆ ତୋଟାଠାରେ ଜନ୍ମ ଉତ୍ସବ ପାଳନ କରାଯିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

# ଧାନର ଅଭାବୀ ବିକ୍ରି, ଚାଷୀଙ୍କ ବିକ୍ଷୋଭ

ଛତ୍ରପୁର, ୨।୩(ଡି.ଏନ୍.ଏ):

ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଦିଗପହଣ୍ଡି ଓ କୁକୁଡାଖଣ୍ଡି ବ୍ଲକରେ ଧାନର ଅଭାବୀ ବିକ୍ରି ଓ ଟୋକେନ ଟାର୍ଗେଟ ବଢାଇବା ଦାବି ନେଇ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ସୁକାନ୍ତ କୁମାର ମିଶ୍ରଙ୍କୁ ପ୍ରଦାନ କରିଛନ୍ତି । ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଚାଷୀ ନେତା ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଗୁରୁବାର ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ ତୁରନ୍ତ କିଣିବା ନାରାବାଜି ଦେଇ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।



ଚାଷୀମାନେ ବିକ୍ଷୋଭ କରୁଛନ୍ତି।

ଆସନ୍ତା ୭ଦିନ ମଧ୍ୟରେ ଟାର୍ଗେଟ ବଢ଼ାଯାଇ ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣା ନ ଗଲେ ଆଗାମୀ ଦିନରେ ଦିଗପହଣ୍ଡି ଅଞ୍ଚଳରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚାଷୀନେତା ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ବୃନ୍ଦାବନ ବେହେରା, ଭୀମସେନ ବେହେରା, ଅଭିମନ୍ୟୁ ସ୍ୱାଇଁ, ଦଣ୍ଡପାଣି ସାହୁ, ଦେବ ପ୍ରଧାନ, କୃଷ୍ଣ ପାତ୍ରଙ୍କ ସମେତ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଶତାଧିକ ଚାଷୀ ଯୋଗଦେଇଥିଲେ।

### ମହିଳାଙ୍କ ମୃତ୍ୟୁ ଘଟଣା, ସ୍ୱାମୀ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୨।୩-ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଦ୍ୱିତୀୟ ଲାଇନରେ ରହୁଥିବା ଲଳିତା କୁମାରୀ ସାହୁଙ୍କର ମଙ୍ଗଳବାର ଘର ଭିତରେ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଭଉଣୀଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁରଘର ଲୋକ ହତ୍ୟା କରି ଆମୃହତ୍ୟାର ରୂପ ଦେଇଛନ୍ତି ବୋଲି ତାଙ୍କ ଭାଇ ଦିଲ୍ଲୀପ ସାହୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୧୦୭/୨୩ରେ ଚିତ୍ତରଞ୍ଜନଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମହିଳାଙ୍କ ମୃତ୍ୟୁ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଆସିକାରେ ୩୬ ମହିଳାଙ୍କୁ ସାଇକେଲ

ଆସିକା, ୨।୩(ଡି.ଏନ୍.ଏ): ଆସିକା ଏନ୍‌ଏସି ପରିସରରେ ଗୁରୁବାର ମଧ୍ୟାହ୍ନରେ ୩୬ଜଣ ମିଶନ୍ ଶକ୍ତି ମହିଳାଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଆସିକା ଏମ୍‌ପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ଉତ୍ସବରେ ମହିଳାଙ୍କୁ ଏହି ସାଇକେଲ ବଣ୍ଟାଯାଇଥିଲା । ଜଳସାଥି ୩ଜଣ, ବ୍ୟାଟେରୀ ଗାଡି ଚାଳକ ଜଣେ, ଆହାର କେନ୍ଦ୍ରର ୫ଜଣ, ଅଣ ଜୈବଖତ ପ୍ରସ୍ତୁତି କେନ୍ଦ୍ରର ୧୨ଜଣ, ମଳ ଉପଚାର କେନ୍ଦ୍ରର ୫ଜଣ, ସ୍ୱଚ୍ଛ ସୁପରଭାଇଜର ୨ଜଣ ଓ ୮ଜଣ ସ୍ୱଚ୍ଛ ସାଥୀ ମହିଳାଙ୍କୁ ଏହି ସାଇକେଲ ପ୍ରଦାନ କରାଯାଇଛି ।

# ଶିଶୁଲେଖକ କର୍ମଶାଳା ଓ ବାର୍ଷିକ ଉତ୍ସବ



କର୍ମଶାଳାରେ କୃତୀ ପ୍ରତିଯୋଗୀଙ୍କ ସହିତ ଅତିଥିବୃନ୍ଦ।

ରମ୍ଭା,୨।୩

ରମ୍ଭା ନିକଟସ୍ଥ ପାଲଙ୍ଗ କ୍ଲଷ୍ଟରର ନିମିଶୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଗଞ୍ଜାମ ବ୍ଲକ୍ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ବାର୍ଷିକ ଉତ୍ସବ ତଥା ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନର ୭୪ତମ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ମୁଖ୍ୟବକ୍ତା ଭାବେ ଜୟକୃଷ୍ଣ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା, ପାଲଙ୍ଗ ସାଧନ କେନ୍ଦ୍ର ସଂଯୋଜକ ରମେଶ ବେହେରା, ନିମନ୍ତ୍ରିତ ଅତିଥି ଭାବେ ୱାର୍ଡମେମ୍ବର ପ୍ରଫୁଲ୍ଲ ପ୍ରଧାନ, ରାମେଶ୍ୱର ମହାଳିକ, ପ୍ରମୋଦ ସାମନ୍ତ, ବିଷ୍ଣୁ ବେହେରା, ଖଣ୍ଡଦେଉଳି ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ନାୟକ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ରତିକାନ୍ତ ବେହେରା ଓ ମମତା କୁମାରୀ ପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଂଗୀତା ବିଶୋଇ, ଝୁମୁ ପାଇକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୁଇ କବି ପ୍ରଦୀପଙ୍କୁ ଆଦିବାସୀ ପ୍ରତିଭା ସମ୍ମାନ



ଅତିଥିଙ୍କ ଗହଣରେ ପ୍ରଦୀପ ।

ଫୁଲବାଣୀ ଅଫିସ, ୨।୩

ଭୁବନେଶ୍ୱରରେ ଚାଲିଥିବା ଆଦିବାସୀ ମେଳାରେ ଜନଜାତି ସାହିତ୍ୟ କୃତି ପାଇଁ କନ୍ଧମାଳର କୁଇ କବି ପ୍ରଦୀପ କହଁରଙ୍କୁ 'ଆଦିବାସୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପାଇବାରେ ପ୍ରଦୀପ ହେଉଛନ୍ତି କନ୍ଧମାଳର ପ୍ରଥମ ବ୍ୟକ୍ତି । ପ୍ରଦୀପ ଏକାଧାରରେ କବିତା, ପ୍ରବନ୍ଧ, ଗଳ୍ପ, କ୍ଷୁଦ୍ର ନାଟକ, ବ୍ୟଙ୍ଗ, ବିରହାତ୍ମକ, ବିପ୍ଳବାତ୍ମକ ଓ ଶିଶୁ କବିତା ଲେଖି ଆସୁଛନ୍ତି। ଶିଶୁ ଗଳ୍ପ, ଢଗଢମାଳି, ଆଧୁନିକ କବିତା, ଭଜନ, ଜଣାଣ ଆଦି ଲେଖନ୍ତି । ସେହିପରି ସେ ଜଣେ ବାଦ୍ୟକାର ଏବଂ ଗୀତିକାର ଓ କୁଇ ସଂସ୍କୃତି ଗବେଷକ ଭାବେ ପରିଚିତ। ତାଙ୍କ ଦ୍ୱାରା ପ୍ରକାଶିତ ଚିତ୍ରପଟ୍ଟ, ପକ୍ଷୀ, ସ୍ମୃତିତୀର୍ଥ କବିତା ସଂକଳନ ପାଠକ ଆଦୃତି ଲାଭ କରିଛି । ଏହି ପୁରସ୍କାର ପାଇଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମହିଳାମାନଙ୍କୁ ସାଇକେଲ ବଣ୍ଟନ | ସହରୀ ଗୋଷ୍ଠୀ ସହଭାଗିତା ଉତ୍ସବ

ନୟାଗଡ଼ ଅଫିସ,୨।୩

ମିଶନ ଶକ୍ତି ଯୋଜନାରେ ଗୁରୁବାର ନୟାଗଡ଼ ସହରର ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପରେ ସହରୀ ଗୋଷ୍ଠୀ ସହଭାଗିତା ଉତ୍ସବ ପାଳନ କରାଯାଇ ୧୫ ଜଣ ଆହର କର୍ମୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପରଭାଇଜରଙ୍କୁ ପ୍ରଥମ ପର୍ଯ୍ୟାୟରେ ୧୫ଟି ସାଇକେଲ ବଣ୍ଟନ କରାଯାଇଛି। ସ୍ୱଗୃହରୁ କର୍ମକ୍ଷେତ୍ର ଓ କର୍ମକ୍ଷେତ୍ରରୁ ସ୍ୱଗୃହକୁ ଯାତାୟତ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଗୁରୁବାର ସାଇକେଲ ବଣ୍ଟନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ,ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଯୋଗ ଦେଇ ସାଇକେଲ ବଣ୍ଟନ କରିଥିଲେ । ସହର ସିଟି ପରିଚାଳକ ବଚ୍ଚ ମହାନ୍ତି, ମୁକ୍ତା ସଂଯୋଜକ ଶିରୋମଣୀ ଧୀରେନ୍ଦ୍ର କୁମାର ଓ ଗଜେନ୍ଦ୍ର ମହାରଣା ସହଯୋଗ କରିଥିଲେ ।



ନୟାଗଡ଼ରେ ଜିଲାପାଳ ସାଇକେଲ ବଣ୍ଟନ କରୁଛନ୍ତି ।



ଦଶପଲାରେ ଆୟେଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ଖଣ୍ଡପଡ଼ା,୨।୩(ସ୍ୱ.ପ୍ର.)** : ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୧୯ଜଣ ମହିଳାଙ୍କୁ ନୂତନ ସାଇକେଲ ପ୍ରଦାନ କରାଯାଇଛି । ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ଓ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ମହିଳାମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ । ଏନ୍‌ଏସିର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

**ଦଶପଲ୍ଲା,୨।୩(ଡି.ଏନ.ଏ.):** ଗୁରୁବାର, ଦଶପଲ୍ଲା ଏନଏସି କାର୍ଯ୍ୟାଳୟଠାରେ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟରେ ଲିପ୍ତ ଥିବା ମହିଳାମାନଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଏନଏସି ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶଙ୍କ ସମେତ ଏନ୍‌ଏସିର ସମସ୍ତ କାଉନସିଲର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସି ବିଭିନ୍ନ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

